ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.209 Bhubaneswar Wednesday, October 06, 2021 ୨୪ତମ ବର୍ଷ ସଂଖ୍ୟା-୨୦୯ ଭୁବନେଶ୍ୱର ବୁଧବାର, ଅକ୍ଟୋବର ୦୬, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଶପଥ ନେଲେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର ତ୍ରିପାଠୀ





ଭୁବନେଶ୍ୱର,୫।୧୦(ପି.ଏନ): ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଜଳଦ କୁମାର ତ୍ରିପାଠୀ ମଙ୍ଗଳବାର ଦିନ ଶପଥ ଗ୍ରହଣ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ରାଜ ଭବନର ଅଭିଷେକ ହଲ ଠାରେ ଅନୁଷ୍ଠିତ ଶପଥରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶ୍ରୀ ତ୍ରିପାଠୀଙ୍କୁ ଓଡିଆରେ ଶପଥପାଠ କରାଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରନ୍ସିଂ ମାଧ୍ୟମରେ ଏହି ଉତ୍ସବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ରାଜ୍ୟପାଳଙ୍କ ଅନୁମତି କ୍ରମେ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଶ୍ରୀ ତ୍ରିପାଠୀଙ୍କ ନିଯୁକ୍ତି ପତ୍ର ( ୱାରଣ୍ଟ ଅଫ୍ ଆପଏଣ୍ଟମେଣ୍ଟ ପାଠ କରିଥିଲେ । ଶପଥ ପାଠ ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ ପରେ ଶପଥ ଗ୍ରହଣ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ । ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର,କଟକ-ଭୁବନେଶ୍ୱର ଆରକ୍ଷୀ ଆୟୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଶ୍ରୀ ତ୍ରିପାଠୀଙ୍କ ସହଧର୍ମିଣୀଙ୍କ ସମେତ ପରିବାରର ସଦସ୍ୟ, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା, ଯୁଗ୍ମ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

## ବିଧାୟକ ଭାବେ ଶପଥ ନେଲେ ରୁଦ୍ର ମହାରଥୀ

ଭୁବନେଶ୍ୱର,୫।୧୦(ପି.ଏନ): ପିପିଲିର ନବନିର୍ବାଚିତ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଶପଥ ନେଇଛନ୍ତି । ବାଚସ୍ପତି ଡ.ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭାସ୍ଥିତ ନିଜ ପ୍ରକୋଷ୍ଠରେ ମଙ୍ଗଳବାର ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଶପଥ ପାଠ ପରେ ଗଣମାଧ୍ୟମ ପ୍ରତିନିଧୀଙ୍କୁ ସୂଚନା ଦେଇ ରୁଦ୍ର କହିଛନ୍ତି ଯେ ଅଂଚଳର ବିକାଶ ମୋର ପ୍ରଥମ ଲକ୍ଷ୍ୟ । ଆଜି ଶପଥ ନେବା ପରେ ଆସନ୍ତାକାଲିଠୁ ଏଦିଗରେ କାମ ଆରମ୍ଭ କରିଦେବି । ଏହାବାଦ ଆଚରଣବିଧିର ଆଜି ଶେଷ ଦିନ । କାଲିଠୁ ଅଫିସିଆଲ ପ୍ରୋସେସ୍ ଆରମ୍ଭ ହୋଇଯିବ ବୋଲି କହିଛନ୍ତି ରୁଦ୍ର ।ଉଲ୍ଲେଖ୍ୟଯୋଗ୍ୟ ଯେ ପୂର୍ବତନ ମନ୍ତ୍ରୀଏବଂ ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ପ୍ରତାପ ମହାରଥୀ ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ୨୦ ହଜାରରୁ ଅଧକ ଭୋଟରେ ପରାସ୍ତ କରି ପିପିଲି ଆସନ ହାତେଇଛନ୍ତି । ରୁଦ୍ର ମହାରଥୀ ୯୬ ହଜାର ୯୭୨ଟି ଭୋଟ୍ ପାଇଥିଲେ ।

## ୨୧୬ ପୋଲିସ ଫାଣ୍ଡି ଦାୟିତ୍ୱରେ ରହିବେ ସବ ଇନ୍ସପେକ୍ଟର

ଭୁବନେଶ୍ୱର, ୫।୧୦(ପି.ଏନ): ଓଡ଼ିଶା ପୋଲିସର ୨୧୬ଟି ଫାଣ୍ଡି ଦାୟିତ୍ୱ ରେ ଏଣିକି ସବ୍‌ଇନ୍‌ସପେକ୍ଟର ମାନେ ରହିବେ । ଏ ସମ୍ପର୍କୀୟ ପ୍ରସ୍ତାବ କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଅନୁମୋଦନ କରିଛନ୍ତି । ପୂର୍ବରୁ ସହକାରୀ ସବ ଇନ୍ସପେକ୍ଟର ମାନେ ଫାଣ୍ଡି ଦାୟିତ୍ୱ ରେ ରହୁଥିଲେ ।

## ଆସନ୍ତା ୩ ମାସ ନିର୍ଣ୍ଣାୟକ, ପାର୍ବଣରେ ସତର୍କ ରୁହନ୍ତୁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୫।୧୦(ପି.ଏନ): ପ୍ରଥମେ ଜୀବନ, ତାପରେ ମେଳା ମହୋତ୍ସବ । କୋଭିଡ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଅଧିକୃତ କରାଯାଇଛି । ଯେଉଁଠି ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ସେଠାରେ ସତର୍କତାମୂଳକ ପଦକ୍ଷେପ ନେବେ । ଯେଉଁଠି ଯାହା ପର୍ବ ହେଉଛି, ଯେଉଁଠି ଗହଳି ହେବାର ସମ୍ଭାବନା ଅଛି । ତାକୁ କେମିତି ନିୟନ୍ତ୍ରଣ କରାଯିବ । ସେଥିପାଇଁ ଅଧିକାରୀ ମାନଙ୍କୁ କ୍ଷମତା ଦିଆଯାଇଛି । ଆଉ ଭୁବନେଶ୍ୱରର ସ୍ଥିତିକୁ ଦେଖି ବିଏମସି ଏଭଳି ନିଷ୍ପତି ନେଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି । ବିଏମସି ଶୀତଦିନିଆ କଟକଣା ଲାଗୁ ନେଇ ପ୍ରତିକ୍ରିୟା ସେ ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଦେଶରେ ସଂକ୍ରମଣ ବର୍ତମାନ ସ୍ଥିର ଅବସ୍ଥାରେ ଅଛି । ଓଡ଼ିଶାରେ ମଧ ସ୍ଥିର ଅଛି । ତଥାପି ଆସନ୍ତା ୩ ମାସ ଆମ ପାଇଁ ନିର୍ଣ୍ଣାୟକ ହେବ । ଯେଉଁ ସେରୋ ସର୍ଭେ ହୋଇଥିଲା, ସେଥିରେ ୭୦ ପ୍ରତିଶତ ଲୋକଙ୍କ ଇମ୍ୟୁନିଟି ଥିବା ଜଣାପଡ଼ିଛି । ତେଣୁ ଯଦି ଟିକାକରଣ ଓ ଇମ୍ୟୁନିଟି ବଢିବ, ତାହେଲେ ସଂକ୍ରମଣ ସମ୍ଭାବନା କମିଯିବ । ତେଣୁ ୩ ମାସ ଭିତରେ ଯେଉଁ ପାର୍ବଣ ଅଛି ସେଥିରେ ସତର୍କ ରହିବାକୁ ପଡ଼ିବ । ପ୍ରଥମେ ଜୀବନ, ତାପରେ ମେଳା, ମହୋତ୍ସବ, ଯାତ୍ରା । ଏହା ଜାତୀୟ ବିପତି, ଏହାର ମୁକାବିଲା କରିବା ଆମର ବଡ଼ ଦାୟିତ୍ୱ । ପୂର୍ବଭଳି ସ୍ଥିତି ଯେପରି ନ ଉପୁଜୁ ସେଥିପାଇଁ ଏଭଳି କଟକଣା ଲଗାଯାଇଛି । ତେଣୁ କୋଭିଡ ସ୍ଥିତି ଚାଲିଗଲେ ମେଳା, ମହୋତ୍ସବ ହୋଇପାରିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ।

## ସଫେଇ ମିତ୍ରଙ୍କୁ ସମ୍ବର୍ଦ୍ଧନା



ତାଳଚେର,୫।୧୦(ପି.ଏନ): ତାଳଚେର ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଦେଉଳବେଢ଼ା କୋଲିୟାରୀସ୍ଥିତ ମଙ୍ଗଳମ କ୍ଲବ ଠାରେ ଅମୃତ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରିଣୀ ରଶ୍ମିରେଖା ଅମାନ୍ତ ସଭାପତିତ୍ୱ କରି ତାଳଚେରକୁ ସଫା ସୁତୁରା ରଖିବା ପାଇଁ ସଦାସର୍ବଦା କାର୍ଯ୍ୟକରୁଥିବା ସଫେଇ କର୍ମଚାରୀଙ୍କୁ ସାଧୁବାଦ ଦେବାସହ ସେମାନଙ୍କୁ ସଫେଇ ମିତ୍ର ଭାବେ ସମ୍ମାନିତ କରିଥିଲେ । ମୁଖ୍ୟଅତିଥି ଭାବେ ତାଳଚେର ତହସିଲଦର ମନ୍ମଥ କୁମାର ନାୟକ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ ମାନପତ୍ର ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ସଫେଇ କର୍ମଚାରୀମାନେ ପ୍ରତ୍ୟେକ ଦିନ ନିରନ୍ତର ସେବା ଦେବା ସହ ବିଭିନ୍ନ ୱାର୍ଡ଼ରେ ସଫେଇ କରି ସାହି ବାସିନ୍ଦାଙ୍କଠାରୁ ଓଦା ଓ ଶୁଖିଲା ଅଳିଆ ପୃଥକ ପୃଥକ ଭାବେ ଗ୍ରହଣ କରି ସେଗୁଡ଼ିକ ରାଣୀ ପାର୍କସ୍ଥିତ ଏମସିସି ପ୍ଲାଣ୍ଟରେ ଜମା ଦେଉଛନ୍ତି । ସେଠାରେ ସେହି ଅଳିଆରୁ ଖତ ଓ ସାର ପ୍ରସ୍ତୁତ କରାଯାଉଛି ।

## ଓଡିଶା କଂଗ୍ରେସକୁ ଫେରିବେ ପୁରୁଣା ନେତା !




ଭୁବନେଶ୍ୱର, ୫।୧୦(ପି.ଏନ): ରାଜ୍ୟରେ କଂଗ୍ରେସର ଅବସ୍ଥା ଦିନକୁ ଦିନ ଶୋଚ୍‌ନୀୟ ହେବାରେ ଲାଗିଛି । ସବୁଠାରୁ ପୁରୁଣା ଦଳ କଂଗ୍ରେସ ଯେପରି ରାଜ୍ୟରେ ଅଚ୍‌ଳ ହୋଇପଡିଛି । ଦଳ ଭିତରେ ଥିବା ଗୋଷ୍ଠୀକନ୍ଦଳ ପଦାରେ ପଡିଥିବା ବେଳେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ନେଇ ମଧ ଅସନ୍ତୋଷ ବ?ିବାରେ ଲାଗିଛି । ଏଭଳି ସ୍ଥିତିରେ କଂଗ୍ରେସ କିପରି ପୁଣିଥରେ କୂଳକୁ ଆସିବ, ତାକୁ ନେଇ ଚ୍‌ର୍ଚ୍ଚା ଆରମ୍ଭ ହୋଇଗଲାଣି । କଂଗ୍ରେସରେ ଏକାଧିକ ପୁରୁଖା ନେତାଙ୍କୁ ଅଣଦେଖା କରାଯାଇଛି । ବର୍ତ୍ତମାନ ଦଳର ଯେଉଁ ଦୟନୀୟ ସ୍ଥିତି ରହିଛି, ତାକୁ ଦୃଷ୍ଟିରେ ରଖି କଂଗ୍ରେସ ତା'ର ପୁରୁଣା ନେତାମାନଙ୍କୁ ଫେରାଇ ଆଣିବାକୁ ଅଣ୍ଟା ଭିଡିଲାଣି । ଦଳ ଛାଡିଥିବା ବରିଷ୍ଠ ନେତାମାନଙ୍କୁ ପୁଣି ଥରେ କଂଗ୍ରେସରେ ସାମିଲ କରିବା ଲାଗି ଏଆଇସିସି ସଙ୍କ?ତ ଦେଇଛି। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ଫେରାଇ ଆଣିବା ଲାଗି କଂଗ୍ରେସର ଏକ ଗୋଷ୍ଠୀ ଉଦ୍ୟମ ଚ୍‌ଳାଇଛି ।ସେହିପରି କଂଗ୍ରେସ ଛାଡି ବିଜେପିରେ ମିଶିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋଙ୍କୁ ମଧ ଆଣିବା ପାଇଁ ପ୍ରୟାସ ଚ୍‌ାଲିଛି । କାରଣ ଶ୍ରୀ ଗମାଙ୍ଗୋ ଏବେ ବିଜେପିରେ ଅଲୋଡା ହୋଇ ପଡିଛନ୍ତି । ଏହାଛଡା ରାଜ୍ୟ କଂଗ୍ରେସର ଗତିବିଧିରେ ଆଉ ଆଗଭଳି ସକ୍ରିୟ ନଥିବା କିଛି ବରିଷ୍ଠ ନେତାଙ୍କୁ ମଧ ଦଳୀୟ ଦାୟିତ୍ୱ ଦେବାପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ଯଦିଓ ଏହି ନେତାମାନଙ୍କ ବୟସ ଅଧିକ, କିନ୍ତୁ ସେମାନଙ୍କର ଅଭିଜ୍ଞତା କଂଗ୍ରେସ ପାଇଁ କାମ ଦେବ ବୋଲି କିଛି କଂଗ୍ରେସ ନେତା ଏଆଇସିସିକୁ ପ୍ରସ୍ତାବ ଦେଇଛନ୍ତି ।ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, କାମାକ୍ଷା ପ୍ରସାଦ ସିଂଦେଓ ଏବଂ ଜୟଦେବ ଜେନାଙ୍କ ସମେତ ପ୍ରସାଦ ହରିଚ୍‌ନ୍ଦନଙ୍କୁ ଅଣଦେଖା ନକରିବାକୁ ଏହି ପ୍ରସ୍ତାବରେ କୁହାଯାଇଛି । ଅନ୍ୟ ପକ୍ଷରେ ବାରମ୍ବାର ବିଫଳତା କାରଣରୁ ତୁରନ୍ତ ପିସିସି ସଭାପତି ପଦରୁ ନିରଞ୍ଜନ ପଟ୍ଟନାୟକଙ୍କୁ ହଟାଇବା ପାଇଁ ଗୋଟିଏ ଗୋଷ୍ଠୀ ଜୋରସୋର ଲବି କରିବା ଆରମ୍ଭ କରିଦେଇଛି । ରବିବାର ପିପିଲି ଉପନିର୍ବାଚ୍‌ନ ଗଣତିରେ କଂଗ୍ରେସର ଦୟନୀୟ ପ୍ରଦର୍ଶନ ଦେଖି କିଛି ଅସନ୍ତୁଷ୍ଟ ଗୋଷ୍ଠୀ ନିରଞ୍ଜନ ହଟାଅ ଓ କଂଗ୍ରେସ ବଞ୍ଚାଅ ନାରା ଦେଇ କଂଗ୍ରେସ ଭବନ ଆଗରେ ବିକ୍ଷୋଭ କରିଥିଲେ । ନିରଞ୍ଜନ କଂଗ୍ରେସର ପୁରୁଣା କର୍ମୀଙ୍କ ପ୍ରତି ହତାଦାର କରିଛନ୍ତି । ସେ ବାହାରୁ ଆସିଥିବା ଲୋକଙ୍କୁ ଗୁରୁତ୍ୱ ଦେଉଛନ୍ତି । କଂଗ୍ରେସ ଭବନ ଆସୁ ନାହାନ୍ତି କି କୌଣସି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ମଧ କରୁନାହାନ୍ତି । ପିପିଲି, ବାଲେଶ୍ୱର, ତିର୍‌ତ୍ତୋଲରେ ନିରଞ୍ଜନ ଟିକେଟ୍ ବିକିଥିବା ଅଭିଯୋଗ ମଧ କରିଥିଲେ ଏହି ଗୋଷ୍ଠୀ । ତା'ସହ ସେ ଶାସକ ଦଳ ସହ ବୁଝାମଣା କରିଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ଦଳୀୟ କର୍ମୀ । ଆଉ ନିରଞ୍ଜନଙ୍କ ବିରୋଧରେ ଏ ଆନ୍‌ଦୋଳନ ଦିଲ୍ଲୀ ପର୍ଯ୍ୟନ୍ତ ଯିବ ବୋଲି ମଧ ଚେତାବନୀ ଦେଇଥିଲେ କର୍ମୀ ।ନିକଟରେ ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚ୍‌ରଣ ଦାସ ଏବଂ ପ୍ରଦୀପ ମାଝୀ ଦିଲ୍ଲୀରେ ରାହୁଲ ଗାନ୍ଧିଙ୍କୁ ସାକ୍ଷାତ କରି ଏହି ପ୍ରସ୍ତାବ ଦେଇଛନ୍ତି । ତେବେ ଏହି ପ୍ରସ୍ତାବରେ ରାଜି ହେଉଛି କି ନାହିଁ, ତାହା ଭିନ୍ନ କଥା, କିନ୍ତୁ ପ୍ରଦୀପ ଆଉ ଦଳ ଛାଡି ଅନ୍ୟ କୁଆଡେ ଯିବେ ନାହିଁ ବୋଲି ସ୍ୱଷ୍ଟ କରିସାରିଛନ୍ତି । ସେପଟେ ପିପିଲି ପରାଜୟ ପରେ ନିରଞ୍ଜନ ମଧ ପଦ ଛାଡିବା ପାଇଁ ନିଜ ଆଡୁ ପ୍ରସ୍ତାବ ଦେଇସାରିଛନ୍ତି । ଦେଶର ସର୍ବ ବୃହତ ଏହି ପୁରୁଣା ଦଳ ଏବେ ଘଡସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । କଂଗ୍ରେସ ନା କେନ୍ଦ୍ରରେ ନା ରାଜ୍ୟରେ କ୍ଷମତାରେ ରହିଛି । ତେଣୁ କଂଗ୍ରେସ ତା'ର ସାଂଗଠନିକ ସ୍ଥିତି ସଜାଡିବା ପାଇଁ ଏକପ୍ରକାର ପ୍ରୟାସ ଆରମ୍ଭ କରିଦେଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ବିଦ୍ୟୁତ୍ ପାଇଁ ଘରେ ଲାଗିବ ସ୍ମାର୍ଟ ମିଟର

ଭୁବନେଶ୍ୱର, ୫।୧୦(ପି.ଏନ): ଏଣିକି ବିଦ୍ୟୁତ୍ ପାଇଁ ଘରେ ପ୍ରିପେଡ ସ୍ମାର୍ଟ ମିଟର ଲାଗିବ । ସିମ୍ କାର୍ଡ ଜରିଆରେ ଜଣେ ଯେତିକି ପେମେଂଟ କରିବ, ସେତିକି ବିଦ୍ୟୁତ୍ ବ୍ୟବହାର କରିବ । ବିଧାନସଭାରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଶକ୍ତି ବିଭାଗର ଷ୍ଟାଣ୍ଡିଂ ହାଉସ କମିଟିର ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଟାଟା ପାୱାର ସାଉଥକୋର ସିଇଓ ଓ ଶକ୍ତି ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ କେତୋଟି ଦିଗ ଉପରେ ଆଲୋଚନା କରାଯାଇଛି । ଯେଉଁ ଅଂଚଳରେ ଠିକ୍ ଭାବେ ବିଦ୍ୟୁତ୍ ଯୋଗାଣ ହୋଇପାରିନି, ସେଠି କେମିତି ତାହାର ଉପଯୁକ୍ତ ବ୍ୟବସ୍ଥା ହେବ, ସେଥିନେଇ ଆଲୋଚନା ହୋଇଛି । ଏଣିକି ଏସଏଚଜି ଦ୍ୱାରା ବିଲ ଆଦାୟ କରିବ କମ୍ପାନୀ । ଘରକୁ ଯାଇ ବିଲ ଆଦାୟ କରିବ ଏସଏଚଜି । ଯେଉଁ ଘରକୁ ଲାଇନ ଦିଆଯାଇନି, ତୁରନ୍ତ ଦିଆଯିବ । ପାୱାର କଟ ପୂର୍ବରୁ ଗାଁ ଗଣ୍ଡାରେ ପ୍ରଚାର ହେବା ଦରକାର । ଯେଉଁମାନେ ଆଉଟସୋର୍ସରେ କାମ କରୁଛନ୍ତି, ଟେକ୍ନିକାଲ ହେଉ ବା ନନ୍ ଟେକ୍ନିକାଲ, ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମଜୁରି ଦରରେ ଅର୍ଥ ପାଇବେ । ଠିକଣା ସମୟରେ ବିଲ ଆଦାୟ ପାଇଁ, ପ୍ରତି ମାସ ଶେଷରେ ଗ୍ରାହକଙ୍କୁ ବିଲ ଦେବା ପାଇଁ କୁହାଯାଇଛି ।

## ଗୋଟିଏ ଦିନରେ ୪୫୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୫।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୫୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୮୮୧୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୫୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୫ ହଜାର ୬୦୮ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୯୩୫ ରହିଛି । ଆଜି ଚିହ୍ନଟ ହୋଇଥିବା ୪୫୩ ଜଣଙ୍କ ମଧ୍ୟରୁ ୨୬୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୦୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକରୁ ୪ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ୧ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି ।କଟକରୁ ୫୯ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୩ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ , ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରୁ ୨,ଜଗତସିଂହପୁର ଜିଲ୍ଲାରୁ ୧୭ ଜଣ, ଯାଜପୁରରୁ ୧୩ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୪ ଜଣ, କେନ୍ଦୁଝରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୨୦୧ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୯ ଜଣ, ରାୟଗଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ସମ୍ବଲପୁରରୁ ୧୮, ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ସୁନ୍ଦରଗଡ଼ରୁ ୬ ଜଣ ଓ ଷ୍ଟେଟ୍ ପୁଲରୁ ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୧୫ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୫।୧୦(ପି.ଏନ): ଆସନ୍ତା ୨୪ଘଂଟା ମଧରେ ରାଜ୍ୟର ୧୫ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି । ଏହି ଜିଲ୍ଲାଗୁଡ଼ିକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଅକ୍ଟୋବର ୬ରୁ ୭ ତାରିଖ ମଧରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କଟକ, ଢ଼େଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଋହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଋମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଋଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ', ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଋଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଉଡ଼ାନର 'ମେଗା ଭାରତ ସେଲ୍' ଖୁଚୁରା ବ୍ୟବସାୟୀ ଏବଂ ତେଜରାତି ଦୋକାନୀଙ୍କୁ ବୃହତ ସଂଚୟ ସହିତ ରିହାତି ମଧ୍ୟ ପ୍ରଦାନ କରିବ




ଭୁବନେଶ୍ୱର : ଅଗଷ୍ଟରେ 'ମେଗା ଭାରତ ସେଲ୍'ର ପ୍ରଥମ ସଂସ୍କରଣର ବଡ଼ ସଫଳତା ପରେ, ଭାରତର ବୃହତ ବିଜ୍‌ନେସ୍-ଟୁ-ବିଜନେସ୍ ଇ-ବାଣିଜ୍ୟ ପ୍ଲାଟଫର୍ମ ଉଡ଼ାନର ଖାଦ୍ୟ ବ୍ୟବସାୟ ପକ୍ଷରୁ ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। 'ମେଗା ଭାରତ ସେଲ୍'ର ସଂସ୍କରଣ ସାରା ଦେଶରେ ତେଜରାତି ଦୋକାନ ଏବଂ ଛୋଟ ଖୁଚୁରା ବ୍ୟବସାୟୀଙ୍କ ପାଇଁ ସବୁଠାରୁ ବଡ ଇ-ବି-୨-ବି ବିକ୍ରୟ ଇଭେଂଟ୍ ସାବ୍ୟସ୍ତ ହେବ। ଏହା ଅକ୍ଟୋବର ୬ ରୁ ଅକ୍ଟୋବର ୧୨ ପର୍ଯ୍ୟ' ଉଡ଼ାନ ପ୍ଲାଟଫର୍ମରେ ଜାରି ରହିବ। ଦେଶର ବିଭିନ୍ନ ସ୍ଥାନର ଛୋଟ ଖୁଚୁରା ବ୍ୟବସାୟୀ ଏବଂ ତେଜରାତି ଦୋକାନ ମାଲିକମାନେ ୧୦୦ ରୁ ଅଧିକ ବ୍ରାଣ୍ଡ ଏବଂ ୫୦୦୦ ରୁ ଅଧିକ ଏସ୍‌କେୟୁ (ଷ୍ଟକ-କିପିଂ ୟୁନିଟ) ସହିତ ଗୁଣାତ୍ମକ ଉତ୍ପାଦର ବ୍ୟାପକ ଚୟନରେ ବିପୁଳ ସଂଚୟ ଲାଭ କରିବାର ସୁଯୋଗ ପାଇ ପାରିବେ। ଗ୍ରୋସରୀ, ପାନୀୟ, ଖାଦ୍ୟଶସ୍ୟ, ଡାଲି, ମସଲା, ଖାଇବା ତେଲ, ଘର ଏବଂ ପର୍ସନାଲ କେୟାର, ଦୁଗ୍ଧ ଜାତ ଉତ୍ପାଦ ଆଦି ୨୦,୦୦୦ ରୁ ଅଧିକ ଉତ୍ପାଦ ଗ୍ରାହକଙ୍କୁ ଉଡ଼ାନ୍ ପ୍ଲାଟଫର୍ମରେ ମୁଖ୍ୟ ସହର ସମେତ ଟାଉନ ଆଦିରେ ଯୋଗାଇ ଦିଆଯିବ। 'ମେଗା ଭାରତ ସେଲ'ରେ ଖୁଚୁରା ବ୍ୟବସାୟୀମାନେ ବିଭିନ୍ନ ଆକର୍ଷଣୀୟ ପୁରସ୍କାର ଏବଂ ଅଫର ଉପରେ ଲାଭ ହାସଲ କରିବା ସହିତ 'ପ୍ରତିଦିନ ସ୍ୱତନ୍ତ୍ର ଅଫର', 'ସୁନିଶ୍ଚିତ ତତକ୍ଷଣାତ୍ କ୍ୟାସ୍ ରିହାତି' ମଧ୍ୟ ଉପଲବ୍ଧ କରିପାରିବେ। ଏହି ଜାତୀୟ ସ୍ତରର ମେଗା ସେଲ୍ ଦ୍ୱାରା ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ଥିବା କ୍ଷୁଦ୍ର ଖୁଚୁରା ବ୍ୟବସାୟୀ ଏବଂ ତେଜରାତି ଦୋକାନ ମାଲିକମାନେ ଉପକୃତ ହୋଇପାରିବେ। ସେହିପରି ଉଡ଼ାନ୍ ଆପ୍ ଦ୍ୱାରା ରିଟେଲରଙ୍କ ପାଇଁ ସରପ୍ରାଇଜ୍ ଅଫର ରହିଛି। ଏକ ଅତିରିକ୍ତ ଲାଭ ଭାବରେ, ଉଦୀୟମାନ ମୁଖ୍ୟ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ଜୟଭୂମି, କ୍ୟାପଟେନ୍ ହାର୍ଭେଷ୍ଟ ଏବଂ ଅନ୍ନଭୂମି ଆଦି ଉଡ଼ାନ୍ ପ୍ଲାଟଫର୍ମରେ ଉପଲବ୍ଧ ହେବ। ଖୁଚୁରା ବ୍ୟବସାୟୀମାନେ ବିତରଣ ବିକଳ୍ପ ସହିତ ଅସୁବିଧାଜନକ ଅର୍ଡର ଅଭିଜ୍ଞତା ହାସଲ କରିପାରିବେ। ଏହି ଅବସରରେ ଉଡ଼ାନର ଫୁଡ୍ ଆଣ୍ଡ୍ ଏଫ୍‌ଏମସିଜି ବିଜ୍‌ନେସ୍ ମୁଖ୍ୟ ବିବେକ ଗୁପ୍ତା କହିଲେ, 'ଭରତର ଛୋଟ ଖୁଚୁରା ବ୍ୟବସାୟୀଙ୍କୁ ଇ-କମର୍ସ ସ୍କେଲର ସୁବିଧା ପ୍ରଦାନ କରିବାକୁ ଆମର ପ୍ରତିବଦ୍ଧତା ଅନୁଯାୟୀ, ଆମେ ଏହି ଅବସରରେ ଖୁଚୁରା ଅଂଶୀଦାରମାନଙ୍କ ପାଇଁ କିଛି ଶ୍ରେଷ୍ଠ କାରବାର ଏବଂ ଅଫର ଆଣିଛୁ। ମେଗା ଭରତ ସେଲ୍‌ର ଏହି ସଂସ୍କରଣରେ, ଆମେ ଯୋଜନାବଦ୍ଧ ରଣନୀତି ଆଧାରରେ ଛୋଟ ଖୁଚୁରା ବ୍ୟବସାୟୀ ଏବଂ ତେଜରାତି ଦୋକାନ ମାଲିକମାନଙ୍କୁ ଆକର୍ଷଣୀୟ ମୂଲ୍ୟରେ ଉନ୍ନତ ଉତ୍ପାଦ ଚୟନ ଏବଂ ବିବିଧତା ପ୍ରଦାନ କରିବାକୁ ୧୦୦ରୁ ଅଧିକ ଅଗ୍ରଣୀ ତଥା ଉଦୀୟମାନ ବ୍ରାଣ୍ଡ ସହିତ ମିଳିତ ହୋଇଛୁ। ଆମେ ନିଶ୍ଚିତ ଯେ ଆମର ଫ୍ଲାଗସିପ ବିକ୍ରୟ ଇଭେଂଟ ସମଗ୍ର ଭାରତରେ ତେଜରାତି ଷ୍ଟୋର ଏବଂ ଛୋଟ ଉତ୍ପାଦକଙ୍କ ପାଇଁ ଲାଭଦାୟକ ହେବ। ମେଗା ଭାରତ ବିକ୍ରୟର ପ୍ରଥମ ସଂସ୍କରଣରେ ଆମ ପ୍ଲାଟଫର୍ମରେ ୮୦%ରୁ ଅଧିକ ଛୋଟ ଖୁଚୁରା ବ୍ୟବସାୟୀ ଏବଂ ତେଜରାତି ଷ୍ଟୋର ଅଂଶଗ୍ରହଣ କରିଥିଲେ।ବ୍ୟବସାୟର ରଣନୀତି, ପ୍ରଯୁକ୍ତିବିଦ୍ୟା, ବିତରଣ , ବର୍ଗ, ଋଣ, ମାନବ ସମ୍ବଳ, ଅନୁପାଳନ ଆଦି କ୍ଷେତ୍ରରେ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ଗତ ୧୨-୧୮ ମାସ ମଧ୍ୟରେ ଉଡ଼ାନ ୪୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରିଛି। ଉଡ଼ାନରେ ୩୦ଲକ୍ଷରୁ ଅଧିକ ପୀକୃତ ଉପଭୋକ୍ତା ଏବଂ ପ୍ଲାଟଫର୍ମରେ ୨୫-୩୦,୦୦୦ ବିକ୍ରେତା ଅଛିଁ। ଏହି ପ୍ଲାଟଫର୍ମରେ ୧୭ଲକ୍ଷରୁ ଅଧିକ ଖୁଚୁରା ବ୍ୟବସାୟୀ, କେମିଷ୍ଟ, ତେଜରାତି ଦୋକାନୀ, ହୋରେକା, କୃଷକ ପ୍ରମୁଖ ପ୍ରତି ମାସରେ ୪୫ ଲକ୍ଷରୁ ଅଧିକ କାରବାର କରିଥାଁ। ଦେଶବ୍ୟାପୀ ଏହାର ୨୦୦ ରୁ ଅଧିକ ଗୋଦାମ ୧୦ଲକ୍ଷ ବର୍ଗଫୁଟ ପରିମିତ ଅଂଚଳରେ ୯୦୦ରୁ ଅଧିକ ସହରରେ ଖୁଚୁରା ବ୍ୟବସାୟୀଙ୍କୁ ୧୨୦୦୦ ପିନ କୋଡ ପ୍ରଦାନ କରି କାରବାର ଜାରି ରଖିଛି। ଉଡ଼ାନ ଆସ'। ୭-୮ ବର୍ଷ ମଧ୍ୟରେ ଏହାର ଗୋଦାମ କ୍ଷମତାକୁ ୫୦ଲକ୍ଷ ବର୍ଗଫୁଟରୁ ଅଧିକ କରିବାକୁ ଯୋଜନା କରିଛି।

## ଉତ୍କଳ ବିକାଶ ପରିଷଦ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

ଭୁବନେଶ୍ୱର : କଟକ ସଦର ବ୍ଲକର ଅଗ୍ରଣୀ ସାମାଜିକ ସଂଗଠନ ଉତ୍କଳ ବିକାଶ ପରିଷଦ ପକ୍ଷରୁ ଚ଼ଳିତ ମାସ ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ କିଶନନଗର ଥାନା ରାମଚ଼ନ୍ଦ୍ରପୁର ସ୍ଥିତ ସ୍ୱପ୍‌ନେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିମଳ ପଣ୍ଡା,ଅଭିମନ୍ୟୁ ସାହୁ,ଅନନ୍ତ ନାଥ,ଜ୍ୟୋତି ପ୍ରକାଶ ନନ୍ଦ,ଅକ୍ଷୟ ଦାସ,ଯାମିନୀ ମୋହନ ସାହୁ,ଜ୍ଞାନ ରଞ୍ଜନ ସାହୁ,ଲକ୍ଷ୍ମୀଧର ଦାସ,ଶମ୍ଭୁନାଥ ବେହେରା,ଅନାମ ଭୋଇ, ଦୁଲାଲ୍ ଭୋଇ,ସୁରଜ ବେହେରା ପ୍ରମୁଖ ଯୋଗଦେଇ ଆଲୋଚ଼ନା କରିଥିଲେ ଏବଂ ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରି ମହତ୍ ସେବା କାର୍ଯ୍ୟକୁ ସଫଳ କରିବାକୁ ସଂଗଠନ ପକ୍ଷରୁ ସଭାପତି ଇଂ. ପ୍ରକାଶ ଚ଼ନ୍ଦ୍ର ସେଠୀ ସାଧାରଣରେ ନିବେଦନ କରିଛନ୍ତି।

# ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ନରେନ୍ଦ୍ର ମୋଦୀ ଓ ଯୋଗୀ ଆଦିତ୍ୟନାଥଙ୍କ କୁଶ ପୁତ୍ତଳିକା ଦାହ

ଯାଜପୁର: ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଉତ୍ତରପ୍ରଦେଶରେ କୃଷକମାନଙ୍କୁ ବିଜେପି ସରକାରରେ ଥିବା କେନ୍ଦ୍ର ମନ୍ତ୍ରୀଙ୍କ ପୁଅ ଗାଡ଼ି ଚଢ଼ାଇ ମାରିଦେବା ଏବଂ ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀଙ୍କୁ ଅଟକ ରଖିବା ପ୍ରତିବାଦରେ ଗାନ୍ଧୀ ଛକଠାରେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କେନ୍ଦ୍ର ମନ୍ତ୍ରୀଙ୍କ ପୁଅକୁ ୩୦୨ ଦଫାରେ ଗିରଫ କରାଯିବା ସହିତ ମୃତ ଚାଷୀମାନଙ୍କ ପରିବାରକୁ ୧ କୋଟି ଟଙ୍କା ସହାୟତା ଓ ସରକାରୀ ଚାକିରୀ ଦିଆଯିବାପାଇଁ ଦାବୀ କରାଯାଇଥିଲା। ଏଆଇସିସି ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ କୃଷକମାନଙ୍କର ଅବସ୍ଥା ଅନୁଧ୍ୟାନ କରିବାକୁ ଯିବା ସମୟରେ ଅଗଣତାନ୍ତ୍ରିକ ଭାବରେ ତାଲିବାନ ଶାସନର ନମୁନା ଦେଖାଇ ଅଟକ ରଖାଯିବା ବିରୁଦ୍ଧରେ ଶୀଘ୍ର ତାଙ୍କୁ ଖଲାସ କରାଯିବା ପାଇଁ ଦାବୀ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତୁରନ୍ତ ଏ ବିଷୟରେ ପଦକ୍ଷେପ ନନେଲେ ସାରା ଭାରତବର୍ଷରେ କୃଷକ ଆନ୍ଦୋଳନର ନିଆଁ ଜଳିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ବିକ୍ଷୋଭରେ ପିସିସି ସମ୍ପାଦକ ତଥା କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ଉପସଭାପତି ବିଭୂତି ମହାପାତ୍ର, ରାଜ୍ୟ ଆଇନ ସେଲ ଉପସଭାପତି ରାଜୀବ ମହାପାତ୍ର, ସାଧାରଣ ସମ୍ପାଦକ ହୃଷିକେଶ ପତି, ପୂର୍ବତନ ପିସିସି ସମ୍ପାଦକ ଭାସ୍କର ମହାନ୍ତି, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା କର, ଦଳିତ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ୍ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦୀପ କର, ଯୁବ କଂଗ୍ରେସ ସଭାପତି ସନ୍ତୋଷ ବେହେରା, ଜିଲ୍ଲା ଆଇନ ସେଲ ସଭାପତି ନିତାଇ ଚାନ୍ଦ ମହାନ୍ତି, ଉପସଭାପତି ଅବଦୁଲ ସଲିମ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଅମୂଲ୍ୟ ବିଶ୍ୱାଳ, ସଂଗ୍ରାମ ସାହାଣୀ, ପୂର୍ବତନ ନଗର କଂଗ୍ରେସ ସଭାପତି ଦିଲ୍ଲୀପ ଦାସ, ସେକ୍ ଅଜିଜ ଖାନ୍, ପରିମଳ ବିଶ୍ୱାଳ, ସ୍ୱରାଜ ଯେନା, କନକଲତା ରାଉତ, ରଘୁନାଥ ସାହୁ, ସନ୍ତୋଷ ରାଉତ, ଦିଲ୍ଲୀପ ପତି, ନକୁଳଦେବ ସାହୁ, ଗୋବିନ୍ଦ ସାହୁ, ବିଦ୍ୟାଧର ବାରିକ, ମାନସ ରଞ୍ଜନ ପଣ୍ଡା, ପୂର୍ବତନ ସରପଞ୍ଚ ଜଗବନ୍ଧୁ ଜେନା, କପିଳେଶ୍ୱର ଦଳାଇ, ଅନୀଲ ମହାନ୍ତି, ରମାକାନ୍ତ ସେଠୀ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ବିଳାସ ରାଉତରାୟ, ଶମ୍ଭୁ ଜେନା, ଅଜୟ ଦାସ, ବସନ୍ତ ଜେନା, ଅଲେଖ ପୃଷ୍ଟି, ଆଫ୍ଟୁଚ୍ ଖାଁ, ସେକ ହଲିମ, ଯଯାତି ନାୟକ, ଅଜୟ ଶତପଥି, ଅନିରୁଦ୍ଧ ରାଉତ, ବାସୁଦେବ ଜେନା, କୁମାର ଆଶୁତୋଷ, ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଲକ୍ଷ୍ମୀପୁର ହିଂସା ମାମଲାରେ ସମାଜବାଦୀ ପାର୍ଟିର ବିକ୍ଷୋଭ

ଭୁବନେଶ୍ୱର:ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରିଠାରେ ଚାଷୀ ଗଣହତ୍ୟା ବେଦନା ଦାୟକ ଓ ବର୍ବୋରଚିତ ଏବଂ ସ୍ୱାଧୀନତାର ୭୫ ବର୍ଷ ଇତିହାସରେ ଏକ ବିରଳ ଘଟଣା ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା କହିବା ସହିତ ଏହାକୁ ତୀବ୍ର ନିନ୍ଦା କରିଛନ୍ତି।ପାର୍ଟି ପକ୍ଷରୁ ଆଜି ଓଡ଼ିଶା ରାଜଭବନ ସମ୍ମୁଖରେ ଅନୁଷ୍ଠିତ ଏକ ବିକ୍ଷୋଭର ନେତୃତ୍ୱ ନେଇ ଶ୍ରୀ ବେହେରା କହିଛନ୍ତି ଯେ, କର୍ପୋରେଟ ଜଗତର ସ୍ୱାର୍ଥ ପାଇଁ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ପ୍ରୟାସ'ର ନାରା ଦେଉଥିବା ମୋଦି ସରକାର ଚାଷୀଙ୍କ ବିନାଶ ପାଇଁ ଯେକୌଣସି ସ୍ତରକୁ ଯାଇପାରେ, ଏସବୁ ଘଟଣା ହେଉଛି ସେହି ସରକାରର ଗୋଟିଏ ଗୋଟିଏ ଜ୍ୱଳନ୍ତ ଉଦାହରଣ। ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶାର ରାଜ୍ୟପାଳଙ୍କ ଜରିଆରେ ପାର୍ଟି ପକ୍ଷରୁ ଦିଆଯାଇଥିବା ଏକ ସ୍ମାରକପତ୍ରରେ ଗାଡ଼ି ଚଢାଇ ଚାଷୀଙ୍କୁ ହତ୍ୟା କରିଥିବା, ଆଶୀଷ ମିଶ୍ରଙ୍କୁ ହତ୍ୟା ଅଭିଯୋଗରେ ୩୦୨ ଦଫାରେ ଗିରଫ କରିବା, ତାଙ୍କ ବାପା ତଥା ଭାରତର ସ୍ୱରାଷ୍ଟ୍ର ବିଭାଗର ରାଜ୍ୟମନ୍ତ୍ରୀ ଅଜୟ ମିଶ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ତୁରନ୍ତ ବହିଷ୍କାର କରିବା, ମୃତ ପ୍ରତ୍ୟେକ ଚାଷୀ ପରିବାରକୁ ୧ କୋଟି ଟଙ୍କାର ସହାୟତା ଓ ଜଣକୁ ସରକାରୀ ଚାକିରୀ ପ୍ରଦାନ କରିବା, ସମାଜବାଦୀ ପାର୍ଟିର ଜାତୀୟ ସଭାପତି ଅଖିଳେଶ ଯାଦବଙ୍କୁ ତୁରନ୍ତ ଖଲାସ କରିବା ଏବଂ ଉତର ପ୍ରଦେଶରେ ଯୋଗୀ ସରକାରଙ୍କୁ ତୁରନ୍ତ ବରଖାସ୍ତ କରିବା ଆଦି ଦାବି କରି ପାର୍ଟିର ୪ଜଣିଆ ପ୍ରତିନିଧି ଦଳ ଶ୍ରୀ ବେହେରାଙ୍କ ନେତୃତ୍ୱରେ ସର୍ବଶ୍ରୀ ସୁଦର୍ଶନ ପ୍ରଧାନ, ସଞ୍ଜୟ ନାୟକ ଓ ପିତବାସ ସେଠୀ ପ୍ରମୁଖ ରାଜଭବନ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି। ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି। ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍। ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଣ୍ଟଷ୍ଟ;ଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ। ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଣ୍ଟଷ୍ଟ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଣ୍ଟଷ୍ଟ;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡଗୁଡ଼ିକରେ ଉପଲବ୍ଧ ହେଉଛି। ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ। ଅଫର୍‌ଗୁଡ଼ିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ। ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ। ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ। ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡ଼ିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ। ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ। ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ। କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡଗୁଡ଼ିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି। ଏହି ଅଫରଗୁଡ଼ିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡ଼ିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି। ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡଗୁଡ଼ିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ। ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇ ସୁବିଧା ପାଇପାରିବେ। ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ୍ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍‌ଆଇ ସୁବିଧା ନେଇପାରିବେ।

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି। ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁ ମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ। ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି। ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ। ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି। ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି। ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ। ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି। ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ। ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ। ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ। ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧଶର ଆଣିଛି। ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାରମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି।

## ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି। ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି। ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବତ୍ତା ପାଇଁ ଖ୍ୟାତି ହାସଲ କରିପାରିଛି। ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ। ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ। ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଳ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି। ଏହି ୱାରେଂଟି ସୁବିଧା ପରବର୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ। ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ। ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍‌କାଳ ନିଜର ବୀମା କାଗଜପତ୍ର ମଧ୍ୟ ଦେଖିପାରିବେ। ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ। ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ। ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪ଛ୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ। ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ। ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଦବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ। ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ସ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ। ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ। ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ। ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡ଼ିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି। ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ। ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡ଼ିକରେ ଆଜିଠାରୁ ଉପଲବ୍ଧ ହେବ। ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡ଼ିକ ଯେପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି। ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି। ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା। ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା। ନିଜର ନୂତନ ଅବତତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି। ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ। କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ। ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ। ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍'।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡ଼ିକରେ ଉପସ୍ଥିତ ରହିଛି।

# ମୋ ଓଡ଼ିଶା

## ପୁନଷ୍ଟ ଦିଦି ପୁନଷ୍ଟ ବିଜେଡି



ପଶ୍ଚିମବଙ୍ଗର ଭବାନୀପୁର ଓ ଓଡ଼ିଶାର ପୁରୀ ଜିଲ୍ଲାର ପିପିଲି ଉପନିର୍ବାଚନର ଫଳାଫଳକୁ ଯେପରି ସାରା ଭାରତ ଅପେକ୍ଷା କରିଥିଲା । ଗତ ୩୦ ସେପ୍ଟେମ୍ବର ୨୦୨୧ରେ ଦୁଇଟିଯାକ ସ୍ଥାନରେ ଉପନିର୍ବାଚନ କରାଯାଇଥିଲା ଏବଂ ୩ ଅକ୍ଟୋବର ୨୦୨୧ରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଗଲା । ପଶ୍ଚିମବଙ୍ଗରେ ଭବାନୀପୁର ସହ ଜାଙ୍ଗିପୁର ଓ ସାମସରଗଞ୍ଜରେ ଉପନିର୍ବାଚନ ହୋଇଥିଲା ଏବଂ ତିନୋଟି ଯାକ ସ୍ଥାନରେ ତୃଣମୂଳ କଂଗ୍ରେସ ବାଜିମାତ୍ କରିନେଇଛି । ଭବାନୀପୁର ମମତାଙ୍କ ପାଇଁ ଏକ ସମ୍ମାନର ପ୍ରଶ୍ନ ଥିଲା । ତାଙ୍କୁ ନନ୍ଦୀଗ୍ରାମରେ ଷଡ଼ଯନ୍ତ୍ର କରି ନିଜେ କିପରି ବିଜେପି ହରାଇଥିଲା, ଏହା ସମସ୍ତେ ଜାଣନ୍ତି । ଜଣଙ୍କୁ ପ୍ରଥମେ ବିଜୟୀ ବୋଲି ଘୋଷଣା କରି ପୁଣି ଘଣ୍ଟାକ ପରେ ପରାଜିତ ପ୍ରାର୍ଥୀ ଘୋଷଣା କରିବା ମଧ୍ୟରେ କଥାଟା କ'ଣ ଜଳଜଳ ଦେଖାଯାଉଛି । ଅବଶ୍ୟ ଏ ମାମଲା ଏବେ ବିଚାରାଳୟରେ ବିଚାରାଧୀନ ବୋଲି ଆମେ ଶୁଣୁଛୁ । ଏଥର ମଧ ମମତାଙ୍କୁ ହରାଇବା ପାଇଁ ବିଜେପି ୮୦ ଜଣ କେନ୍ଦ୍ରର ବରିଷ୍ଠ ବ୍ୟକ୍ତିତ୍ୱ ଓ ମହାମାନ୍ୟମାନଙ୍କୁ ପଶ୍ଚିମବଙ୍ଗରେ ନିର୍ବାଚନ ମଇଦାନରେ ଓହ୍ଲାଇଥିଲା । ମାତ୍ର ନିଜେ ମମତା ସରକାରରେ ଥିବାରୁ, ବିଜେପିର କଳବଳ କୌଶଳ କାଟୁ କଲାନାହିଁ । ଭବାନୀପୁରରେ ମମତା ନିଜ ସ୍ଥାନ ଖାଲି ମଜବୁତ କରିନାହାନ୍ତି ତ', ନନ୍ଦିଗ୍ରାମ ଷଡ଼ଯନ୍ତ୍ରର ପ୍ରତିଶୋଧ ନେଇଛନ୍ତି ତଥା ୨୦୧୧ ନିର୍ବାଚନର ନିଜର ରେକର୍ଡକୁ ସେ ନିଜେ ଭଗ୍ନ କରିଛନ୍ତି ଏବଂ ବିଜେପିର ପ୍ରିୟଙ୍କା ତ୍ରିବ୍ରେୱାଲାଙ୍କୁ ୫୮ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଛନ୍ତି । ତଥାପି ହାସ୍ୟାସ୍ପଦ କଥା ଏହି ଯେ ପରାଜିତ ପ୍ରାର୍ଥୀ ପ୍ରିୟଙ୍କା ବାଜା ବଜାଇ କୁହନ୍ତି ଯେ ସେ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' । ଏବେ ଟିଏମ୍‌ସି ଓ ଆପ୍ ତାଙ୍କର ବିସ୍ତାରବାଦୀ ନୀତି ଆପଣେଇଲେଣି । ବୋଧହୁଏ ମମତା ଆଗାମୀ ଦିନରେ କେନ୍ଦ୍ରରେ ମୁଖ୍ୟମଙ୍ଗ ଧରିପାରନ୍ତି । ଓଡ଼ିଶାରେ ବିଜେପିର କ୍ରମାଗତ ଭାବେ ୬ଟି ଉପନିର୍ବାଚନରେ ଦାରୁଣ ପରାଜୟ ଘଟିଲାଣି । ତଥାପି ସେ ନିଜକୁ ସମୀକ୍ଷା କରିପାରୁନାହାନ୍ତି ଯେ, କାହିଁକି ବିଜେପି ହାରୁଛି । 'ବାପ୍ ସେ ବେଟା ଜ୍ୟାଦା ହୋନା ଚାହିଏ' ନ୍ୟାୟରେ ରୁଦ୍ର ମହାରଥୀ ବାପାଙ୍କୁ ବଳାଇ ତାଙ୍କଠାରୁ ଦୁଇଗୁଣ ଅଧିକ ଭୋଟ୍‌ରେ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ହରାଇଛନ୍ତି । ସେ ତାଙ୍କୁ ୨୦ହଜାର ୯୧୬ ଖଣ୍ଡ ଭୋଟ୍‌ରେ ପରାଜିତ କରିଛନ୍ତି । ଅଥଚ ଶ୍ରୀ ପଟ୍ଟନାୟକଙ୍କ ପାଇଁ କେନ୍ଦ୍ରୀୟ ଦଳଠୁ ଆରମ୍ଭ କରି ରାଜ୍ୟବଳ ପ୍ରଚାରରେ ନୟାନ୍ତ ହୋଇ ସବୁ ଫୁସ୍ ହୋଇଗଲା । ବାସ୍ତବିକ ପିପିଲି ଗଡ଼ ଭାଙ୍ଗିବା ଏତେ ସହଜସାଧ୍ୟ ନୁହେଁ। ୨୦୦୦ ମସିହାଠାରୁ ଏଯାବତ୍ ପିପିଲି ବିଜେଡ଼ି କବ୍‌ଜାରେ ଅଛି । ଗତ ୩ଟି ଉପନିର୍ବାଚନରେ କଂଗ୍ରେସ ଦୁଇଟିରେ ଅମାନତ ହରାଇଛି । ଏବେ ଖାଲି ଓଡ଼ିଶା ନୁହେଁ ଭାରତର ବିଭିନ୍ନ ଜାଗାରେ ତାର ମୁର୍ଦ୍ଦାବାଦ ଘଟୁଛି । ଓଡ଼ିଶାର ରାଜ୍ୟ ନେତୃତ୍ୱକୁ କିଏ ଦୋଷ ଦେଲା ବେଳେ, ଅନ୍ୟମାନେ ସୋନିଆ ଗାନ୍ଧି, ପୁତ୍ର ରାହୁଲ ଗାନ୍ଧି ଓ କନ୍ୟା ପ୍ରିୟଙ୍କା ଭଦ୍ରାଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କଲେଣି । ଏହା ମଧ୍ୟ ଏକ ସାର୍ବଜନୀନ ଉପଲବ୍ଧ ସତ୍ୟ ଯେ ଏମାନେ ଗାଦି ନଛାଡ଼ିଲା ଯାଏଁ, କଂଗ୍ରେସର ପୁନଃଜାଗରଣ ସମ୍ଭବ ନୁହେଁ । ଏମିତି କି ମୋଦିଙ୍କ ଭାଷାରେ କଂଗ୍ରେସମୁକ୍ତ ଭାରତ ବି ହୋଇପାରେ । ଅନ୍ୟପକ୍ଷରେ ସ୍ୱୟଂ ମୋଦି ଓ ଅମିତ ଶାହା ଯେତେ କଳବଳ କୌଶଳ ପ୍ରୟୋଗ କଲେ ବି ନବୀନ ଓ ମମତାଙ୍କୁ ହରାଇପାରିବେ ନାହିଁ । ଏହା ସେମାନଙ୍କ ପାଇଁ ଗତ ନିର୍ବାଚନଗୁଡ଼ିକରୁ ପରୀକ୍ଷିତ ସତ୍ୟ ହୋଇସାରିଛି।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ,
ଓଡ଼ିଶା ଭାଷା ସଂରକ୍ଷଣ ଗବେଷଣା ପ୍ରତିଷ୍ଠାନ:
ବିପିନବିହାରୀ ପାଠାଗାର, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ମୋ-୯୯୩୮୩୪୧୩୮

## ବର୍ଷିୟାନ ସାମ୍ବାଦିକ ଦେବେନ୍ଦ୍ର ନାରାୟଣ ପତିଙ୍କ ବିୟୋଗରେ କଂଗ୍ରେସର ଶୋକ

ରାଉରକେଲା (ପିଏନ୍): ବର୍ଷିୟାନ ସାମ୍ବାଦିକ ଦେବେନ୍ଦ୍ର ନାରାୟଣ ପତିଙ୍କ ବିୟୋଗରେ କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, ସ୍ୱର୍ଗତ ପତିଙ୍କ ଖବର ପରିବେଷଣରେ ତାଙ୍କର ନିର୍ଭୀକତା ତଥା ଅନୁସନ୍ଧାନମୂଳକ ଓ ନିରପେକ୍ଷ ମନୋଭାବ ତାଙ୍କୁ ଉତ୍ତରପିଢ଼ିଙ୍କ ନିମନ୍ତେ ପ୍ରେରଣାର ଉତ୍ସ ହୋଇ ସବୁଦିନ ରହିବ । ସେହିପରି ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି ସ୍ୱର୍ଗତ ପତିଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ, ଗଣମାଧ୍ୟମ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ସ୍ୱର୍ଗତ ପତିଙ୍କ ଶାନ୍ତ ସରଳ ସ୍ୱଭାବ ତାଙ୍କୁ ସବୁଦିନ ପାଇଁ ଉଜ୍ଜୀବିତ କରି ରଖିବ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, କୋଷାଧ୍ୟକ୍ଷ ଚିତ୍ତରଂଜନ ମହାନ୍ତି, ମୁଖପାତ୍ର ଇଂ. ଆର୍.ପି. ସିଂହ, ଗିରିଜା ଶଙ୍କର ମିଶ୍ର ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ପ୍ରଶାନ୍ତ ସେଠୀ, ପିସିସି ସଦସ୍ୟ ବାଦଲ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, କୃଷକ କଂଗ୍ରେସ ସଭାପତି ମନମୋହନ ଓରାମ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ବରିଷ୍ଠ ନେତା ସବୀର ହୁସେନ, ଗଣେଶ ପ୍ରଧାନ, ଇନ୍ଦ୍ରମୋହନ ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ବୋଲି ଏକ ପ୍ରେସ୍ ଇସ୍ତାହାରରେ ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ ଜଣାଇଛନ୍ତି ।

## କୋଣାର୍କ ଅଞ୍ଚଳର ବରିଷ୍ଠ ସମାଜସେବୀ ରମେଶ ବିଶ୍ୱାଳଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ



କୋଣାର୍କ (ପିଏନ୍): ମାନବାଧିକାର ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କୋଣାର୍କ ନିକଟସ୍ଥ କୁରୁଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖନ୍ଦୋଳ ଗ୍ରାମର ବରିଷ୍ଠ ସମାଜସେବୀ ରମେଶ ଚନ୍ଦ୍ର ବିଶ୍ୱାଳଙ୍କୁ ନୂଆଦିଲ୍ଲୀ ସ୍ଥିତ ମାନବାଧିକାର ଅୟୋଗଙ୍କ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । ଓଡିଶାରେ ଦଳିତ ଓ ନିଷ୍ପେସିତ ଜନସାଧାରଣଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ନିଷ୍ଠା, କେନ୍ଦୁଝରର ଆଦିବାସୀ ଅଧୁଷିତ ଅଞ୍ଚଳରେ ଜନସାଧାରଣଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ମାନବାଧିକାର ଉଲ୍ଲଙ୍ଘନ କ୍ଷେତ୍ରରେ ସଫଳ ପ୍ରୟାସ ପାଇଁ ତାଙ୍କୁ ଏହି ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । ଗତ ସେପ୍ଟେମ୍ବର ମାସ ୨୬ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଭାରତ ଆନ୍ତର୍ଜାତୀୟ କେନ୍ଦ୍ର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଡକ୍ଟର ଅଭିନ୍ନ ହୋତାଙ୍କ ସମେତ ମାନବାଧିକାର ଆୟୋଗର ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ଗଣରେ ବରିଷ୍ଠ ସମାଜସେବୀ ରମେଶ ବିଶ୍ୱାଳଙ୍କୁ ଏହି ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରିବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । କୋଣାର୍କ ଥାନା ଅଧୀନସ୍ଥ ଖନ୍ଦୋଳ ଗ୍ରାମର ସ୍ୱର୍ଗତ ନରସିଂହ ବିଶ୍ୱାଳଙ୍କ କନିଷ୍ଠ ପୁତ୍ର ରମେଶ ଚନ୍ଦ୍ର ବିଶ୍ୱାଳ ସମ୍ପ୍ରତି ବିପିଏଲ ଘରୋଇ ସଂସ୍ଥାରେ ମାନବ ସମ୍ବଳ ବିଭାଗ ଅଧିକାରୀ ଭାବେ ଅଧୁନା କାର୍ଯ୍ୟରତ । ଏହି ସମ୍ମାନଜନକ ଉପାଧି ପାଇବା ଖବର ପ୍ରଚାରିତ ହେବା ପରେ ସମାଜସେବୀ ଡ. ବିଶ୍ୱାଳଙ୍କ ପାଖକୁ ଶୁଭେଚ୍ଛାର ଶୁଅ ଛୁଟିବାରେ ଲାଗିଛି । କୋଣାର୍କ ସାଇ ସେନାର ସଙ୍ଗଠକ ସତ୍ୟଜିତ ନାୟକ ସମାଜସେବୀ ଡ. ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ନିମନ୍ତେ ଶପଥ



କୋଣାର୍କ (ପିଏନ୍): କୋଣାର୍କ ନିକଟ ନୂଆଗାଁଠାରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ଓ ନେହେରୁ ଯୁବକେନ୍ଦ୍ର, ପୁରୀ ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ସଫେଇ କରାଯିବା ସହିତ ବିଦ୍ୟାର୍ଥୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ପାରିପାର୍ଶ୍ୱିକ ପରିବେଶ ଓ ନିଜସ୍ୱ ଜୀବନଚର୍ଯ୍ୟାରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଶପଥପାଠ କରିଥିଲେ । ସବୁଜ ବାହିନୀର ନୋଡାଲ ଅଧିକାରୀ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ମୁଖ୍ୟ ଅତିଥିରୂପେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନ ଓ ସ୍ୱାଧୀନ ଭାରତରେ ସ୍ୱଚ୍ଛ ଶାସନ ବ୍ୟବସ୍ଥା ପରିଚାଳନା କ୍ଷେତ୍ରରେ ଜାତିର ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶ କର୍ମନିଷ୍ଠା ସଂପର୍କରେ ସିଆରସିସି ବାହିନୀପତି, ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ତ୍ରିପାଠୀ, ପଣ୍ଡିତ ରବୀନ୍ଦ୍ର କୁମାର ଦ୍ୱିବେଦୀ, ଚିତ୍ରାଞ୍ଜଳି ନାୟକ, ନିହାରୀକା ମହାନ୍ତି, କେ. ବାସନ୍ତୀଙ୍କ ସମେତ ଛାତ୍ରଛାତ୍ରୀମାନେ ନିଜ ନିଜର ବକ୍ତବ୍ୟ ଦେଇଥିଲେ । ଜୟନ୍ତୀ ପାଳନ ପୂର୍ବରୁ ସବୁଜ ବାହିନୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା । ପରିଶେଷରେ ବିଦ୍ୟାଳୟ ପ୍ରବେଶଦ୍ୱାରରେ ସମସ୍ତେ ସ୍ୱଚ୍ଛତା ନିମନ୍ତେ ମିଳିତ ଶପଥ ନେଇଥିଲେ । ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋରୀ ଘଟଣାରେ ୭ଜଣ କୋର୍ଟ ଚାଲାଣ




କେନ୍ଦ୍ରାପଡ଼ା (ପିଏନ୍): ବିଭିନ୍ନ ସ୍ଥାନରୁ ଚୋରୀ ହୋଇଥିବା ଘଟଣାରେ କେନ୍ଦ୍ରାପଡା ଟାଉନଥାନା ପୋଲିସ ଗତ ଗୁରୁବାର ୭ଜଣଙ୍କୁ କୋର୍ଟ ଚାଲାଣ କରିଛି । ସେହି ଘଟଣାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରିଶ ଚନ୍ଦ୍ର ପାଣ୍ଡେ ଟାଉନ ଥାନାରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଚଳିତବର୍ଷ କେନ୍ଦ୍ରାପଡା ଟାଉନ ଥାନା ଓ ସଦର ଥାନା ଅଞ୍ଚଳରେ କେତେକ ଚୋରୀ ଘଟଣା ଘଟିଥିଲା । କେତେକ ସୁତ୍ରକୁ ଆଧାରକରି ପୋଲିସ ସେହିସବୁ ଚୋରୀ ଘଟଣାର ଧରିବାକୁ ଚେଷ୍ଟା କରିଥିଲା । ଗତ ଜୁନମାସ ୬ତାରିଖରେ ଟାଉନ ଥାନା ପୋଲିସ ଦିନ ପାଟ୍ରୋଲିଂ କରୁଥିବା ସମୟରେ ଏକ ଧଳା ରଙ୍ଗର ଇଣ୍ଡିଗୋ କାର (ଓଡି-୦୨-ବି-୩୯୧୫)କୁ ସନ୍ଦେହଜନକ ଅବସ୍ଥାରେ ଫକିରାବାଦ ଗୋବରୀ କେନାଲ ପୋଲ ନିକଟରେ ଧରିଥିଲା । ସେହି କାର ଭିତର ଚେକିଂ କରିବାରେ କେତେକ ଚୋରୀ ଜିନିଷ କାର ଭିତରୁ ବାହାରିଥିଲା । କାର ଭିତରେ ଥିବା ୩ଜଣ ଦୌଡ଼ି ଫେରାର ହୋଇଯାଇଥିବା ବେଳେ କାର ଚାଳକ ଓକିଲ ଓରଫ ସେକ ରଫିକୁଲ୍ଲାକୁ ଟାଉନ ଥାନା ପୋଲିସ ଗିରଫ କରିବା ସହିତ କେଶ ନମ୍ବର-୯୫/ ୨୦୨୧ରେ ଆଇ.ପି.ସି.ର ୪୫୭,୩୮୦ ଓ ୩୪ଦଫାରେ ଏକ ମାମଲା ରୁଜୁ କରିଥିଲା । କାର ଚାଳକ ଓକିଲକୁ ପଚରାଉଚୁରା କରାଯିବାରେ ସେ ସଦର ଥାନା ଅନ୍ତର୍ଗତ ମିର୍ଜାପାଟଣା ଗ୍ରାମର ମିର୍ଜା ମେହେବୁବ ବେଗ ଓରଫ ମେହେବୁବ ଖାନ(୨୭) ଓ ଶାହାରୁଖ ଓରଫ ସେକ ଲୋକମାନ(୩୦) ଏବଂ ଟାଉନ ଥାନା ଅନ୍ତର୍ଗତ ଖଣ୍ଡିଅଙ୍ଗ ଗ୍ରାମର ଗେଡୁ ଓରଫ ସେକ ସାଜିଦ(୩୦) କାର ଭିତରେ ଥିଲେ ଏବଂ ସେଦିନ ସେମାନେ ଦୌଡ଼ି ଫେରାର ହୋଇଯାଇଥିବା କହିଥିଲା । ଚଳିତମାସ ୨୯ତାରିଖ ଦିନ ଏହି ୩ଜଣ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଧରିଥିଲା ଏବଂ ସେମାନଙ୍କୁ ଚୋରୀ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିଲା । ଏହି ୩ଜଣ ଅଭିଯୁକ୍ତଙ୍କ ବୟାନ ଅନୁଯାଇ ସେମାନେ ବିଭିନ୍ନ ସ୍ଥାନରୁ ଚୋରୀ କରିଥିବା ସୁନା ଓ ରୁପା ଗହଣା ପାଟକୁରା ଥାନା ଅନ୍ତର୍ଗତ ବନ୍ଧକଟାର ଜଗନ୍ନାଥ ଜୁଏଲାରୀର ମାଲିକ ତଥା ମହାକାଳପଡା ଥାନା ଅନ୍ତର୍ଗତ ନଛିପଡା ଗ୍ରାମର ଅଜୟ ସାହୁ, ଟାଉନ ଥାନା ଅନ୍ତର୍ଗତ ମଢିଆଳର ଏସ. ଚାନ୍ଦ ଜୁଏଲର୍ସର ମାଲିକ ସୁବାଷ ଚନ୍ଦ୍ର ଚାନ୍ଦ ଏବଂ କାକଟ ମଣୀ ଜୁଏଲାରୀ ୱାର୍କସପର ମାଲିକ ଅଜୟ କୁମାର ସାହୁଙ୍କୁ ବିକ୍ରୀ କରିଥିବା କହିଥିଲେ । ପୋଲିସ ଏହି ୩ଜଣ ଚୋର, ଜଣେ କାର ଚାଳକ ଏବଂ ୩ଜଣ ସୁନା ଦୋକାନୀଙ୍କ ଠାରୁ ଗୋଟିଏ କାର(ଓଡି-୦୨-ବି-୩୯୧୫), ୨୧୦ଗ୍ରାମ ଓଜନର ସୁନା ଗହଣା, ୧୮୭ଗ୍ରାମ ଓଜନର ରୁପା ଗହଣା, ୩ଟି ବାଇକ, ଗୋଟିଏ ଅଟୋରିକ୍ସା,୫ଟି ମୋବାଇଲ ସମେତ ଶାବଳ,ଲୁହାରଡ, ପ୍ଲାସ, ଚୁମୁଟା, ସ୍କ୍ରୁଡ୍ରାଇଭର, ସୁନା ଦୋକାନରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ପ୍ରଭୃତି ଜବତ କରିଥିବା ଅତିରିକ୍ତ ଏସପି ଶ୍ରୀ ପାଣ୍ଡେ ସୂଚନା ଦେଇଥିଲେ । ମିର୍ଜା ମେହେବୁବ ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ୫ଟି, କଟକ ବାଦାମବାଡି ଥାନାରେ ୩ଟି, ମର୍କତନଗର ଥାନାରେ ୪ଟି, ସିଡିଏ ଫେଜ-୨ ଥାନାରେ ୩ଟି, ଚାଉଳିଆଗଞ୍ଜ ଥାନାରେ ୩ଟି, ମଧୁପାଟଣା ଥାନାରେ ୩ଟି, ଜଗତପୁର ଥାନାରେ ଗୋଟିଏ, ନେମାଳ ଥାନାରେ ଗୋଟିଏ, ପାଟକୁରା ଥାନାରେ ଗୋଟିଏ ଏବଂ କେନ୍ଦ୍ରାପଡା ସଦର ଥାନାରେ ୪ଟି ମାମଲା ରହିଥିବା ବେଳେ ଗେଡୁ ଓରଫ ସେକ ସାଜିଦ ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ୮ଟି, ସଦର ଥାନାରେ ୪ଟି, ଆଳି ଥାନାରେ ଗୋଟିଏ, ପଟ୍ଟାମୁଣ୍ଡାଇ ଥାନାରେ ୩ଟି, ମାର୍ଶାଘାଇ ଥାନାରେ ଗୋଟିଏ ଏବଂ ଯାଜପୁର ଜିଲ୍ଲାର ବଡଚଣା ଥାନାରେ ଗୋଟିଏ କେଶ ରହିଥିବା ପୋଲିସ ସୂଚନା ଦେଇଛି । ଲୋକା ଓରଫ ସେକ ଲୋକମାନ ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ୪ଟି, ସଦର ଥାନାରେ ୬ଟି ମାମଲା ରହିଥିବା ସୂଚନା ମିଳିଛି । ସୁନାଦୋକାନୀ ନଛିପଡା ଗ୍ରାମର ଅଜୟ ସାହୁ(୪୮)ଙ୍କ ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ୩ଟି, ସଦର ଥାନାରେ ୪ଟି ଏବଂ କଟକ ଜିଲ୍ଲାର ବାଦାମବାଡି ଥାନାରେ ଗୋଟିଏ ମାମଲା ରହିଛି । ମଢିଆଳ ଗ୍ରାମର ସୁନାଦୋକାନୀ ସୁବାଷ ଚନ୍ଦ୍ର ଚାନ୍ଦ(୫୧)ଙ୍କ ନାମରେ ଟାଉନ ଥାନାରେ ୪ଟି ଓ ସଦର ଥାନାରେ ୪ଟି ମାମଲା ରହିଥିବା ବେଳେ କାକଟ ଗ୍ରାମର ଅଜୟ କୁମାର ସାହୁ(୩୬) ଏବଂ କାର ଚାଳକ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ଓକିଲ ଓରଫ ସେକ ରଫିକୁଲ୍ଲା(୩୦)ଙ୍କ ନାମରେ ପୂର୍ବରୁ କୌଣସି ମାମଲା ନଥିବା ପୋଲିସ ସୂଚନା ଦେଇଛି । ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନା ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ତଦନ୍ତକାରୀ ଅଧିକାରୀ ତଥା ଟାଉନ ଥାନା ସବଇନିସପେକ୍ଟର ସୌମ୍ୟରଞ୍ଜନ ଜାଲି ଓ ସଦର ଥାନା ସବଇନିସପେକ୍ଟର ତପନ କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

## ଅତିରିକ୍ତ ଜିଲ୍ଲାପାଳ ବସନ୍ତ ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତଙ୍କ କାର୍ଯ୍ୟାଳୟରେ କଲେକ୍ଟୋରେଟ ଷ୍ଟାଫ କମିଟି ପକ୍ଷରୁ ଶ୍ରୀ ରାଉତଙ୍କୁ ପୁଷ୍ପଗୁଚ୍ଛ, ଶ୍ରୀବଳଦେବଜୀଉଙ୍କ ଫଟୋଚିତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତଙ୍କ କେନ୍ଦ୍ରାପଡାର କାର୍ଯ୍ୟକାଳ ସମ୍ପର୍କରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ଆଲୋକପାତ କରିବା ସହିତ ତାଙ୍କ ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ସାହୁ, ଜିଲ୍ଲା ଜରୁରୀ ଅଧିକାରୀ ସମ୍ବିତ ଶତପଥୀ, ଡେପୁଟୀ କଲେକ୍ଟର ଅଙ୍କିତା ଆନନ୍ଦିତା, ଗରଦପୁର ତହସିଲଦାର ଅଶୋକ କୁମାର ବେହେରା, ଡେପୁଟୀ କଲେକ୍ଟର ନମିତା ବାରିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଚିନ୍ମୟୀ ରଥ, ଷ୍ଟାଫ କମିଟି ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି, ଶୈଳେନ୍ଦ୍ର ପ୍ରଧାନ, ଗୌରାଙ୍ଗ ବେହେରା, ଦୀନବନ୍ଧୁ ରଥ, ଶିଶିର ରାଉତ, ଦିବ୍ୟରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶ୍ରୀ ରାଉତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସମ୍ପୂର୍ଣ୍ଣ କୋଭିଡ ଗାଇଡ ଲାଇନ ମଧ୍ୟରେ କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରତ୍ୟୁଷରେ କେନ୍ଦ୍ରାପଡା ପୌରାଞ୍ଚଳରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପ୍ରଚାର କରାଯାଇଥିଲା । ସକାଳ ସାଢେ ୮ଟା ସମୟରେ ଗରାପୁର ଡାକବଙ୍ଗଳା ଛକରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଏବଂ ପରେ ପୁରୁଣା ବସଷ୍ଟାଣ୍ଡରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ଏବଂ ଦାୟାଦ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ । ଏହାପରେ ଜିଲ୍ଲା କାର୍ଯ୍ୟାଳୟର ସଦଭାବନା ସଭା ଗୃହରେ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ମାଧବ ଚନ୍ଦ୍ର ନନ୍ଦ ବେଦପାଠ, ଧ୍ରୁବ ଚରଣ ନାୟକ ବାଇବେଲ ପାଠ ଓ ଜନାବ ମହମ୍ମଦ ଏନାୟାତୁଲ୍ଲା କୋରାନ ପାଠ କରିଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଋତୁରାଜ ସମସ୍ତ ଧର୍ମଗୁରୁମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପବିତ୍ର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଏକ ସଂକୀର୍ତ୍ତନ ମଣ୍ଡଳୀ ରାମଧୂନ ପରିବେଷଣ କରି ସହର ପରିକ୍ରମା କରିଥିଲେ । ଭାସ୍କର ସିନେମାହଲ ନିକଟରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତନ୍ମୟ ଜେନା ଓ କଳାକାରମାନେ ମାଲ୍ୟାର୍ପଣ କରିଥିଲେ ।

## ଭରତପୁର ପଞ୍ଚାୟତ ପକ୍ଷରୁ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତ ପକ୍ଷରୁ ଆଜାଦିକା ଅମ୍ରିତ ମହୋତ୍ସବ ଏବଂ ସ୍ୱଚ୍ଛତା ହି ସେବା କାର୍ଯ୍ୟକ୍ରମରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଜୀନତ ପ୍ରିୟଦର୍ଶିନୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ କେନ୍ଦ୍ରାପଡା ଏବିଡିଓ ଅନିରୁଦ୍ଧ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ସ୍ୱଚ୍ଛତା, ପରିଛନ୍ନତା ଓ ଗ୍ରାମାଞ୍ଚଳକୁ ସ୍ୱଚ୍ଛ ଏବଂ ସବୁଜ କରିବାକୁ ଉପସ୍ଥିତ ଜନପ୍ରତିନିଧି ଓ ପଞ୍ଚାୟବାସୀଙ୍କୁ ପରାମର୍ଶ ଦେଇଥିଲେ । ସରପଞ୍ଚ ଶ୍ରୀମତୀ ରାଉତ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ଗ୍ରାମରେ ଅଳିଆ ଖାତ ଖୋଳାଯାଇ ସେହି ଖାତରେ ଅଳିଆ ପକାଇବା, ହାତଧୋଇବା ଓ ଘର ପାଖରେ ଅଳିଆ ଆବର୍ଜ୍ଜନା ନପକାଇବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ ମେହେନ୍ଦିପୁର ଗ୍ରାମ୍ୟ ରାସ୍ତାକୁ ସଫେଇ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ କୁମାର ଜେନା, ଗ୍ରାମରୋଜଗାର ସେବକ କ୍ଷଣପ୍ରଭା ବେହେରାଙ୍କ ସମେତ ସମସ୍ତ ୱାର୍ଡସଭ୍ୟ/ସଭ୍ୟା, ଅଙ୍ଗନୱାର୍ଡି କର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ପଦଯାତ୍ରା

କେନ୍ଦ୍ରାପଡ଼ା (ପିଏନ୍): ଭାରତ ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ଦେଶ ଆଜାଦୀ କା ଅମ୍ରିତ ମହୋତ୍ସବ ପାଳନ କରୁଛି । ଏହି ଉପଲକ୍ଷେ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଗୋପାଳ ଚରଣ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ୩୦ଜଣ ପାରା ଆଇନ ସ୍ୱେଚ୍ଛାସେବୀ, ପ୍ୟାନେଲ ଆଇନଜୀବୀ ଓ ଆଇନସେବା ପ୍ରାଧିକରଣର କର୍ମଚାରୀମାନଙ୍କ ଦ୍ୱାରା ଏକ ଆଇନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସମ୍ବିଧାନସମ୍ମତ ନ୍ୟାର୍ଯ୍ୟ ଅଧିକାର ସାବ୍ୟସ୍ତ କରିବା ନିମନ୍ତେ ପାରା ଆଇନ ସ୍ୱେଚ୍ଛାସେବୀମାନେ ଗ୍ରାମାଞ୍ଚଳ, ବନାଞ୍ଚଳ ତଥା ଅଧୁଷିତ ଅଞ୍ଚଳରେ ବସବାସ କରୁଥିବା ଦରିଦ୍ର ଓ ନିଷ୍ପେସିତ ଲୋକମାନଙ୍କୁ ଆଇନ ସହାୟତା ମାଗଣାରେ ପ୍ରଦାନ କରୁଛନ୍ତି । ଏହି ଆଇନଗତ ସାହାଯ୍ୟ ବିନା ମୂଲ୍ୟରେ ପ୍ରଦାନ କରୁଥିବା ବାର୍ତ୍ତାକୁ ପ୍ରଚାର ଓ ପ୍ରସାର କରିବା ହେଉଛି ଏହି ପଦଯାତ୍ରାର ମୂଳଲକ୍ଷ୍ୟ । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସଙ୍ଗୀତା ପାଣିଙ୍କ ପରିଚାଳନାରେ ଆୟୋଜିତ ଏହି ପଦଯାତ୍ରାରେ ପରିବାର ଅଦାଲତ ଜଜ ବିକାଶ ଚନ୍ଦ୍ର ଦେଓ, ମୁଖ୍ୟ ବିଚାର ବିବାଗୀୟ ମାଜିଷ୍ଟ୍ରେଟ ବିବାଶ୍ୱତ ଗୌତମ, ସିବିଲ ଜଜ ରାଜେଶ ରୋଶନ ନନ୍ଦ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com



# ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ



Bhubaneswar Wednesday October 06, 2021 ଭୁବନେଶ୍ବର ବୁଧବାର, ଅକ୍ଟୋବର ୦୬,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ମୃତ ହୋମଗାର୍ଡ ଶତ୍ରୁଘନଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ



ବାଲିଚନ୍ଦ୍ରପୁର : ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଗ୍ରାମର ମୃତ ଗୃହରକ୍ଷୀ ଶତୃଘନ ବେହେରାଙ୍କ ପତ୍ନୀ ସୀତା ବେହେରା ଙ୍କୁ ଗୃହବିଭାଗ ପକ୍ଷରୁ ୪ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ଆର୍ଥିକ ସହାୟତା ଦିଆଯାଇଛି ।ଶତୃଘନ ଜଣେ ଏକାଧାରାରେ ପରୋପକାରୀ,ସଚ୍ଚୋଟ ହୋମଗାର୍ଡ ଥିଲେ । ପତରାଜପୁର ସ୍ଥିତ ବାସଭବନରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି ପହଞ୍ଚି ସ୍ୱର୍ଗତ ଶତୃଘନଙ୍କ ପତ୍ନୀ ସୀତା ବେହେରାଙ୍କୁ ୪ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ପତରାଜପୁର ସରପଞ୍ଚ ଅରୁନ୍ଧତୀ ଖୁଣ୍ଟିଆ, ସମିତି ସଭ୍ୟ ସୁରେଷ ନାୟକ, ଫନିନ୍ଦ୍ର ପଣ୍ଡା, ମନୋଜ ପରିଡା, ତପନ ରାଉତରାୟ, ପ୍ରତାପ ନାୟକ, ପଞ୍ଚାୟତ ସଭାପତି ଅନନ୍ତ ସିଂ, ଅବଦୁଲ ସିଦି, ସରପଞ୍ଚ ପ୍ରତିନିଧି ପ୍ରତାପ ସେନାପତି, ଦେବରଞ୍ଜନ ଦାସ, ପଞ୍ଚାନନ ବେହେରା, ୱାର୍ଡ ସଭ୍ୟ ଉପେନ୍ଦ୍ର ବେହେରା, କାଙ୍ଗାଳି ବେହେରା ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ୨୦୧୮ ଜୁଲାଇ ମାସ ବାହୁଡା ଯାତ୍ରାରେ କାର୍ଯ୍ୟରତ ଥିବା ସମୟରେ ଶତୃଘନଙ୍କର ମୃତ୍ୟୁ ହୋଇଥିଲା ।

## ଦିବଂଗତ ସାମ୍ବାଦିକଙ୍କ ପରିବାରକୁ ସରକାରୀ ସହାୟତା ରାଶି

ବାଲେଶ୍ୱର୫ ।୧୦(ପି.ଏନ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରେ କାର୍ଯ୍ୟରତ ଥିବା ଦୈନିକ ସମ୍ବାଦପତ୍ର ନ୍ତସମୟନ୍ତ ର ପୂର୍ବତନ ପ୍ରତିନିଧି ସ୍ୱର୍ଗତ ହରିଶ ଚନ୍ଦ୍ର ସ' ଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ୪(ଚାରି) ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ସ୍ୱର୍ଗତ ସ' ୨୦୨୦ମସିହାରେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିଲେ ମଧ୍ୟ ପରବର୍ତୀ ପର୍ଯ୍ୟାୟରେ ଅତି ଜଟିଳ କିଡ୍‌ନୀଜନୀତ ରୋଗରେ ପୀଡିତ ହୋଇ ଚିକିତ୍ସା ପାଇଁ କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭ ମେଡିକାଲ କଲେଜ ଓ ହସପିଟାଲରେରେ ଭର୍ତି ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ୨୦୨୧ମସିହା ଜାନୁଆରୀ ୧୦ ତାରିଖରେ ତାଙ୍କର ପରଲୋକ ହୋଇଥିଲା । ଦିବଂଗତ ସାମ୍ବାଦିକ ରାଜ୍ୟ ସରକାରଙ୍କ ପ୍ରଦତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଚିକିତ୍ସା ସୁବିଧା ପାଇଥିବା ବେଳେ ମୃତ୍ୟୁ ପରେ ତାଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆବଶ୍ୟକୀୟ କାଗଜପତ୍ର ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏହାକୁ ବିଚାରକୁ ନେଇ ୪ ଲକ୍ଷ ଟଙ୍କାର ସହାୟତା ରାଶି ମୁର କରିଥିଲେ । ଏହି ସରକାରୀ ସହାୟତା ରାଶି ସିଧାସଳଖ ସ୍ୱର୍ଗତ ସ' ଙ୍କ ପତ୍ନୀ ଜୟନ୍ତୀ ରାଣୀ ପାଢୀଙ୍କ ବ୍ୟାଙ୍କ ଜମାଖାତାକୁ ଆକାଉଂଟ ଟ୍ରାନ୍ସଫର ଜରିଆରେ ପ୍ରଦାନ କରାଯାଇଛି । ସହାୟତା ରାଶି ମିଳିବା ପରେ ସ୍ୱର୍ଗତ ସ' ଙ୍କ ପତ୍ନୀ ଜୟନ୍ତୀ ରାଣୀ ପାଢୀ ଏବଂ ତାଙ୍କ ପରିବାରବର୍ଗ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି । ସେହିପରି ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନେ ମଧ୍ୟ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛି ।

## ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ରମା ଦେଇ



ରଣପୁର (ପି. ଏନ ):କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଗରିବ ମାନଙ୍କ କଲ୍ୟାଣ ନିମନ୍ତେ ନାନାଦି ଯୋଜନା ପ୍ରଣୟନ କରିଛନ୍ତି ସେଥିମଧ୍ୟରୁ ବିଧବା ଭତ୍ତା ଏକ ବଳିଷ୍ଠ ଯୋଜନା । ନୟାଗଡ ଜିଲ୍ଲା ରଣପୁର ବ୍ଲକ ରେ କିନ୍ତୁ ବହୁ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି । ରଣପୁର ବ୍ଲକ ଜଙ୍କିଆ ଗ୍ରାମ ପଞ୍ଚାୟତ ର ଓସ୍ତପଡା ଗ୍ରାମର ରମା ପରିଡା ସ୍ୱାମୀ ସ୍ୱର୍ଗତ ଲକ୍ଷ୍ମଣ ପରିଡା ବିଧବା ଭତ୍ତା ଖଣ୍ଡିଏ ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହୋଇ ପଡ଼ିଥିଲେ ମଧ ଅଦ୍ୟାବିଧି ମିଳିପାରିନାହିଁ । ୨୦୧୯ ମସିହାରୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ ମଧ ବ୍ଲକ ପ୍ରଶାସନ ଆଜି କାଲି କହି ଦିନ ଗଡ଼ଉ ଥିବା କଥା କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି । ସେହିପରି ରମାଙ୍କ ପରି ବହୁ ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇଁ ଆବେଦନ କରିଥିଲେ ମଧ ସେଥିରୁ ବଞ୍ଚିତ ଥିବା ଦେଖିବାକୁ ମିଳୁଛି । ରମାଙ୍କ ଦୁଃଖଭରା ଜୀବନ ଜାପାନ ଙ୍କୁ ଲକ୍ଷ୍ୟ କରି ବି ଜେ ପି ନୟାଗଡ଼ ଜିଲ୍ଲା ସମ୍ପାଦକ ତାପସ ରଞ୍ଜନ ମାର୍ଥା ଜିଲ୍ଲା ପ୍ରଶାସନ ଙ୍କୁ ରମା ଙ୍କୁ ବିଧବା ଭତ୍ତା ତୁରନ୍ତ ଯୋଗେଇଦେବା ପାଇଁ ଅନୁରୋଧ କରିଛନ୍ତି ।

## ଯାଜପୁର ବ୍ଲକ୍ ଖଇରାବାଦ ପଞ୍ଚାୟତ କଂଗ୍ରେସ ବୈଠକ ଅନୁଷ୍ଠିତ

ଯାଜପୁର: ଯାଜପୁର ବ୍ଲକ୍ ଖଇରାବାଦ ପଞ୍ଚାୟତ କଂଗ୍ରେସ ବୈଠକ ଅଡ଼ଙ୍ଗଠାରେ ପଞ୍ଚାୟତ ସଭାପତି ସେକ୍ ଅଜିଜ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସଙ୍ଗଠନକୁ ଏକଜୁଟ୍ ଏବଂ ମଜବୁତ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ପଞ୍ଚାୟତରେ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ, ବିଧବା, ଅସହାୟ, ସ୍ୱାମୀ ପରିତ୍ୟକ୍ତା ଓ ଆର୍ଥିକ ଦୁର୍ବଳ ଲୋକମାନଙ୍କର ଭତ୍ତାକୁ ହଡ଼ପ କରାଯାଉଥିବାରୁ ଏହା ବିରୋଧରେ ଜନମତ ଜାଗ୍ରତ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା । ଅଡ଼ଙ୍ଗ ପୋଲ ତଳୁ ବାଲିମାଫିଆମାନଙ୍କ ଦ୍ୱାରା ବାଲି ଖୋଳାଯାଇ କୋଲକାତା, ବାଲେଶ୍ୱର, ଭଦ୍ରକକୁ ହାଇୱାରେ ଚାଲାଣ କରାଯାଉଥିବା ବିରୁଦ୍ଧରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ମୋକେଇପୁର-ପାଣିକୋଇଲି, ଆଙ୍କୁଲା-ପାଣିକୋଇଲି ଭାୟା ମଙ୍ଗଳପୁର ରାସ୍ତା ଖାଲଢିପରେ ଭର୍ତ୍ତି ହୋଇ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ଏହାର ମରାମତି ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବୀ କରାଯାଇଥିଲା । ମନରେଗା ଦୁର୍ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘୋଟାଲା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ପ୍ରକୃତ ହିତାଧିକାରୀଙ୍କୁ ଚୟନ ଏବଂ କୋଭିଡ୍-୧୯ ପ୍ରୋତ୍ସାହନ ଖର୍ଚ୍ଚର ହିସାବ ସମ୍ପର୍କରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । କଂଗ୍ରେସ ଦଳର ଛାତ୍ର, ଯୁବକ, ମହିଳା ସମସ୍ତେ ସମ୍ମିଳିତ ହୋଇ ପଞ୍ଚାୟତ ନିର୍ବାଚନକୁ ସାମନା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

## ଦୁର୍ଗା ପୂଜା ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

ବାଲେଶ୍ୱର୫ ।୧୦(ପି.ଏନ):ଆସନ୍ତା ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ୪ଘଟିକା ସମୟରେ ସ୍ଥାନୀୟ ନ୍ତସଦଭାବନା ସଭାଗୃହନ୍ତଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୁଲିସ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କୋଭିଡ୍ ନିୟମାବଳୀର ଅନୁପାଳନ ଓ ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାରେ କିଭଳି ସୁରୁଖୁରୁରେ ଦୁର୍ଗା ପୂଜା ଆୟୋଜିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକାର ବିଭିନ୍ନ ନିୟମାବଳୀ ସମ୍ପର୍କରେ ଗୃହକୁ ସୂଚନା ଦିଆଯାଇଥିଲା । ମାର୍ଗଦର୍ଶିକା ଅନୁଯାୟୀ ଚଳିତ ବର୍ଷ ମଣ୍ଡପ / ପାଣ୍ଡାଲରେ ପୂଜା ନିମନ୍ତେ ଆବଶ୍ୟକୀୟ ଅନୁମତି ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଆବେଦନ କରିବାକୁ ପଡିବ । ଗୃହ ଅଭ୍ୟନ୍ତର ଭଳି ପରିବେଶ (ଇଣ୍ଡୋର ଲାଇକ କଣ୍ଡିସନ)ରେ ପୂଜା ଆୟୋଜନ କରାଯିବାକୁ ଥିବା ବେଳେ କେବଳ ପୂଜା ନୀତିକାନ୍ତି ପାଇଁ ଅନୁମତି ଦିଆଯିବ । ଜନସାଧାରଣ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ ଏହା ପାଳନ କରାଯିବ । ତିନି ପାର୍ଶ୍ୱରୁ ପୂଜା ମଣ୍ଡପ/ ପାଣ୍ଡାଲକୁ ସମ୍ପୂର୍ଣ୍ଣ ଆବୃତ/ଆଚ୍ଛାଦିତ କରାଯିବା ସହ ଗୋଟିଏ ପାର୍ଶ୍ୱକୁ ଆଂଶିକ ଭାବେ ଆବୃତ/ଆଚ୍ଛାଦିତ କରାଯିବ ଯେଉଁଳି କି ଜନସାଧାରଣ ମୂର୍ତ୍ତି ଦର୍ଶନ କରିପାରିବେ ନାହିଁ । ମୂର୍ତ୍ତିର ଉଚ୍ଚତା ୪ ଫୁଟରୁ କମ ରହିବ । ମାଇକ୍ ଯୋଗେ ଘୋଷଣା କିମ୍ବା ଅନ୍ୟାନ୍ୟ ସାଉଣ୍ଡ ସିଷ୍ଟମ ବା ସ୍ପିକରର ବ୍ୟବହାର କରାଯାଇପାରିବ ନାହିଁ । ଯେ କୌଣସି ସମୟରେ ପୂଜାରୀ, କର୍ତା ଏବଂ ଅନ୍ୟାନ୍ୟ କମିଟି ସଦସ୍ୟଙ୍କୁ ମିଶାଇ ୭ଜଣରୁ ଅଧିକ ବ୍ୟକ୍ତି ପୂଜା ପାଣ୍ଡାଲ / ମଣ୍ଡପରେ ରହିପାରିବେ ନାହିଁ । ଯେଉଁମାନେ ପୂଜା ପାଣ୍ଡାଲ / ମଣ୍ଡପରେ ରହିବେ ସେମାନେ କୋଭିଡ୍ ନିୟମାବଳୀ ଯଥା ସାମାଜିକ ଦୂରତା, ମାସ୍କ, ସାନିଟାଇଜରର ବ୍ୟବହାର ଇତ୍ୟାଦିର କଡାକଡି ପାଳନ କରିବେ । ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ଅନ୍ୟାନ୍ୟ କଟକଣାକୁ ମଧ୍ୟ ପୂଜା କମିଟିମାନଙ୍କୁ ମାନିବାକୁ ପଡିବ । ସେହିପରି ପୂଜା ପରେ କୌଣସି ପ୍ରକାର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ନାହିଁ । ସ୍ଥାନୀୟ ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇଥିବା କୃତ୍ରିମ ଜଳାଶୟ/ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ । କୌଣସି ଧାର୍ମିକ ଗୋଷ୍ଠୀ ଦ୍ୱାରା କୌଣସି ପ୍ରକାର ଧାର୍ମିକ ଶୋଭାଯାତ୍ରା ଆୟୋଜନ ହୋଇପାରିବ ନାହିଁ । କୌଣସି ପ୍ରକାର ଗୀତ, ନାଚ କିମ୍ବା ଅନ୍ୟାନ୍ୟ ମନୋରନ କାର୍ଯ୍ୟକ୍ରମକୁ ଅନୁମତି ଦିଆଯିବ ନାହିଁ । ପୂଜା ସାଙ୍ଗରେ କୌଣସି ପ୍ରକାର ଭୋଜିଭାତ ଆୟୋଜନ ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ । ଏହି ସବୁ ନିୟମର ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଦୁର୍ଗା ପୂଜା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଅନୁମତି ଏକକ ଝରକା (ସିଙ୍ଗଲ ୱିଣ୍ଡୋ) ମାଧ୍ୟମରେ ପ୍ରଦାନ କରାଯିବ । ବାଲେଶ୍ୱର ସହରରେ ଦୁର୍ଗା ପୂଜା ନିମନ୍ତେ ଅନୁମତି ପାଇଁ ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପୂଜା କମିଟିମାନେ ଆବେଦନ କରିପାରିବେ । ସେହିପରି ବ୍ଲକ ସ୍ତରରେ ତହସିଲଦାରଙ୍କ ନିକଟରେ ଏବଂ ପୌରାଂଚଳ/ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ନିର୍ବାହୀ ଅଧିକାରୀଙ୍କ ନିକଟରେ ଆବେଦନ କରିବାକୁ ହେବ । ଅକ୍ଟୋବର ୭ ଓ ୮ ତାରିଖ ଦିନ ପୂଜା କମିଟିମାନେ ବିଭିନ୍ନ ଅନୁମତିପତ୍ର ପାଇଁ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଆବେଦନ କରିପାରିବେ । ଅନୁମତିପତ୍ର ପାଇଁ ଆବେଦନ କଲାବେଳେ ପୂଜା କମିଟି କର୍ମକର୍ତାଙ୍କୁ ସରକାରୀ ମାର୍ଗଦର୍ଶିକାର କଡାକଡି ଅନୁପାଳନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାକୁ ପଡିବ ।

## ଆଧାତ୍ମିକ ପ୍ରେମୀ ବ୍ରଜ ସୁନ୍ଦର ସେଠୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲିଚନ୍ଦ୍ରପୁର : ବାଲିଚନ୍ଦ୍ରପୁର ଗ୍ରାମର ଆଧାତ୍ମିକ ପ୍ରେମୀ ସଂକ୍ରୀର୍ତ୍ତନ ଗୁରୁ ବ୍ରଜ ସୁନ୍ଦର ସେଠୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗତ କାଲି ସୋମବାର ବାଲିଚନ୍ଦ୍ରପୁର ସ୍ଥିତ ରବୀନ୍ଦ୍ରମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ରଜ ସୁନ୍ଦର ସ୍ମୃତି କମିଟି ଆନୁକୂଲ୍ୟରେ ତଥା ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ବହୁମୁଖୀ ପ୍ରତିଭା ଉପରେ ଗୁଣଗାନ କରି ତାଙ୍କୁ ଜଣେ ଆଧାତ୍ମିକ ପ୍ରେମୀ ଭଲ ମଣିଷ ଭାବେ ବାଲିଚନ୍ଦ୍ରପୁର ଅଞ୍ଚଳରେ ବେଶ ଜଣାଶୁଣା ଥିଲେ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଷ୍ଣୁ ଚରଣ ମହାନ୍ତି, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, ଅରବିନ୍ଦ ସାମଲ, ସରପଂଚ ଫନିନ୍ଦ୍ରନାଥ ପଣ୍ଡା, ସମିତି ସଭ୍ୟ ଅମୀୟ ବିଶ୍ୱାଳ, ମନୋଜ କୁମାର ପରିଡ଼ା, ପ୍ରମୋଦ କୁମାର ଦାସ, ପ୍ରକାଶ ଚନ୍ଦ୍ର ସାମଲ, ପ୍ରତାପ ନାୟକ, ଦିଲ୍ଲିପ କୁମାର ଷେଣ୍ଟ, ପ୍ରତାପ ସେନାପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ସାମ୍ବାଦିକ ପ୍ରବାସ କୁମାର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, ଅଜୟ କୁମାର ଦାଶ, ସେକ୍ ଇକବାଲ ହୁସେନ୍, ପ୍ରଦୀପ୍ତ କୁମାର ପୃଷ୍ଟି, ରାକେଶ କୁମାର ବାରିକ, ସତ୍ୟବ୍ରତ ସିଂହ, ମା'ମଲ୍ୟାବୁଢୀ ବଜାର କମିଟିର ସମ୍ପାଦକ ବଟକୃଷ୍ଣ ଜେନା ଓ ସଦସ୍ୟ ତପନ କୁମାର ବାନା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ପ୍ରାରମ୍ଭରେ ଭଜନ ସମାରୋହ, ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ବ୍ରାହ୍ମଣୀ ଓ ମୁଷାଟିକିରି ଶାଖା ପକ୍ଷରୁ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆମ ଓଡ଼ିଶା ପକ୍ଷରୁ ସାସ୍ୱତ ସାଧକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଓଡ଼ିଆ ଭାଗବତ ଗଦ୍ୟ ରୂପାନ୍ତର ପୁସ୍ତକକୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଶତପଥି ସ୍ୱର୍ଗତ ସେଠୀଙ୍କ ସୁପୁତ୍ର ଇଂ ରୁଦ୍ର କେଶରୀ ସେଠୀଙ୍କୁ ପ୍ରଦାନ କରିଥିଲେ । ସ୍ମୃତି କମିଟିର ସମ୍ପାଦକ ସାମ୍ବାଦିକ ଏକାଦଶୀ ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପୁତୁରା ଇଂ ସମ୍ଭୁନାଥ ସେଠୀ ଧନ୍ୟବାଦ ଦେଇଥିଲେ । ସଭା ଆରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଦ୍ୱାଦଶ ଅବସରରେ ରାଧାମାଧବ କ୍ରୀର୍ତ୍ତନ ମଣ୍ଡଳୀ ଚାରିବାଟିଆ ଚୌଦ୍ୱାର ପକ୍ଷରୁ ମୁଖ୍ୟ ବିନୋଦ ଚନ୍ଦ୍ର ବେହେରା, ଭଜନ, କ୍ରୀର୍ତ୍ତନ, ଶ୍ରୀମଦ୍ ଭାଗବତ ଗୀତା, ହନୁମାନ ଚାଳିଶା ପାଠ କରାଯାଇଥିଲା । ଏହାକୁ ପରିଚାଳନା କରିଥିଲେ ଚିନ୍ତାମଣି ଦାସ ଶର୍ମା । ଏହି ଶ୍ରଦ୍ଧାଞ୍ଜଳି ସଭା କାର୍ଯ୍ୟକ୍ରମକୁ ସର୍ବଶ୍ରୀ ମହେଶ୍ୱର ସେଠୀ, ପୁତ୍ର ରଞ୍ଜିତ କେଶରୀ, କ୍ରୀର୍ତ୍ତି କେଶରୀ, ସଦାନନ୍ଦ, ସୁମନ୍ତ ଓ ସୁଶାନ୍ତ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୃଥକ ଭାବେ ବଡ଼ଚଣାର କଂଗ୍ରେସ ନେତା କ୍ୟାପଟେନ୍ ରାଜନାରାୟଣ ମହାପାତ୍ର, ପ୍ରଦୀପ ଜେନା, ପ୍ରବିର ବଳ ସମେତ ବହୁ ସମର୍ଥକ ପହଞ୍ଚି ସ୍ୱର୍ଗତ ସେଠୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ବ୍ୟାପୁଛି ଫାଟୁଆରୋଗ, ଶତାଧିକ ଗାଈ ଗୋରୁ ଆକ୍ରାନ୍ତ

ଖଣ୍ଡପଡା: ଖଣ୍ଡପଡା ବନ୍ଲକ ଅଧିନ ସିଧାମୂଳା ଓ ଆଖପାଖ ଗ୍ରାମରେ ଶହଶହ ଗାଈ ଗୋରୁ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି । ଏ ନେଇ ଗୋପାଳକମାନେ ଏବେ ଚିନ୍ତାରେ ପଡିଯାଇଥିବା ଜଣାଯାଇଛି । ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ କରାନଗଲେ ଏହି ରୋଗ କମିବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଥିଲେ ହେଁ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ୱେ ମଧ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ନତୁବା ପ୍ରଶାସନ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଧାମୂଳା ଗ୍ରାମର ଗୋପାଳକମାନେ ଦାବି କରିଛନ୍ତି ।

## ୫ମାସର ପ୍ରାପ୍ୟ ମିଳିନି : ଆହାର କେନ୍ଦ୍ରକୁ ଯାଉନାହାନ୍ତି ସଫେଇ କର୍ମଚାରୀ



ଖଣ୍ଡପଡା: ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁଁ ଆହାର କେନ୍ଦ୍ରରେ ନିୟୋଜିତ ସଫେଇ କର୍ମଚାରୀଙ୍କୁ ଗତ ୫ମାସ ହେଲା ପ୍ରାପ୍ୟ ପ୍ରଦାନ କରାଯାଇନାହିଁ । ଫଳରେ ସଫେଇ କର୍ମଚାରୀ ଜଣକ ଠିକ୍ ରୁପେ ଆହାରକେନ୍ଦ୍ର ପରିସରକୁ ସଫାସୁତୁରା କରୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଆହର କେନ୍ଦ୍ର ସୁପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଏଭଳି ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ ହେଉଛି । ଆହାର କେନ୍ଦ୍ରରେ ଭୋଜନ ପରିବେଷଣ ଦାୟିତ୍ୱ ମା ଶାରଳା ସ୍ୱଂୟ ସହାୟିକା ଗୋଷ୍ଠୀ ଉପରେ ନ୍ୟସ୍ତ କରାଯାଇଛି । ନିୟମିତ ଭାବେ ଆହାର କେନ୍ଦ୍ରକୁ ପରିଷ୍କାର ପରିଚ୍ଛନ ରଖିବା, ଟେବୁଲ ଗୁଡିକୁ ସଫା କରିବା ନିମନ୍ତେ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ଏଥିନିମନ୍ତେ ନାକେଦମ ହେବାକୁ ପଡୁଛି । ଏପରିକି ଏନଏସି କର୍ତ୍ତୃପକ୍ଷ ଆହାରକେନ୍ଦ୍ରକୁ ନିୟମିତ ଭାବେ ସାବୁନ, ସର୍ଫ ଏବଂ ବ୍ଲିଚିଂ ପାଉଡର ଆଦି ଯୋଗାଇ ଦେଉନଥିବା ନେଇ ଅଭିଯୋଗ ଉଠିଛି । ଆହାର କେନ୍ଦ୍ରରେ ଦେଖା ଦେଇଥିବା ଅବ୍ୟବସ୍ଥା ପ୍ରତି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଣ୍ଡପଡା ସହରବାସୀ ଦାବି କରିଛନ୍ତି । ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray